# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK  ପର୍ଯବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.225, Bhubaneswar Saturday, October 19, 2019 | ୨୨ତମ ବର୍ଷ | ସଂଖ୍ୟା–୨୨୫ | ଭୁବନେଶ୍ୱର ଶନିବାର, ଅକ୍ଟୋବର ୧୯, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଗଞ୍ଜାମ, ୧୮।୧୦(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ପୂର୍ବତନ ତଥା ବର୍ତମାନ ଢ଼େଙ୍କାନାଳ ଜିଲ୍ଲାରେ ଅବସ୍ଥାପିତ ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଆଜି ସକାଳେ ତାଙ୍କ ବ୍ରହ୍ମପୁର ସ୍ଥିତ ପୈତୃକ ବାସଭବନ, ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ଘର, ଢ଼େଙ୍କାନାଳ ଅଫିସ୍, ସରକାରୀ ବାସଭବନ ସମେତ ମୋଟ୍ ୬ଟି ସ୍ଥାନରେ ଏକ ସଙ୍ଗେ ଚଢ଼ଉ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରୀ ରହିଥିବା ନେଇ ଏସପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି । ଚଢ଼ଉ ଜାରୀ ରହିଥିବାରୁ ଆୟ ବର୍ହିଭୂତ ସମ୍ପତି ବାବଦରେ ସବିଶେଷ ତଥ୍ୟ ମିଳିପାରିନାହିଁ ।

### ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାଲେଶ୍ୱର, ୧୮।୧୦(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ବାଲେଶ୍ୱର ଡ୍ରେନେଜ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ବସନ୍ତ ପଣ୍ଡାଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି । ତାଙ୍କ ବାସଭବନ ସମେତ ୭ଟି ସ୍ଥାନରେ ଆଜି ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି ।

## ପୁଲିସ ଏନକାଉଂଟର : ଦୁର୍ଦ୍ଦାନ୍ତ ଅପରାଧୀ ଭାଗୁ ଆହତ:ପିସ୍ତଲ, ଗୁଳି, ବାଇକ୍ ଜବତ

ପୁରୀ, ୧୮।୧୦(ପି.ଏନ): ଗତକାଲି ବିଳମ୍ବିତ ରାତ୍ରିରେ ପୁଲିସ ଏନକାଉଂଟରରେ ପୁରୀର ଦୁର୍ଦ୍ଦାନ୍ତ ଅପରାଧୀ ଭାଗିରଥୀ ପ୍ରଧାନ ଓରଫ ଭାଗୁ ଆହତ ହୋଇଛି । ତାଳବଣିଆ ଥାନା ଅଂଚଳର ମୋଷ୍ଟ ଓ୍ୱାଟେଂଡ ଅପରାଧୀ ଭାବେ ପୁଲିସ କିଛି ଦିନ ଧରି ତାକୁ ଖୋଜୁଥିଲା। କୌଣସି ସୂତ୍ରରୁ ଖବର ପାଇ ପିପିଲି ନିମାପଡା ବାଇପାସ ଓଭର ବ୍ରିଜ ତରାକାଜଠାରେ ଭାଗୁ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ପୁରୀ ତାଳବଣିଆ ଥାନା ପୁଲିସ ଓ ପିପିଲି ଥାନା ପୁଲିସ ପକ୍ଷରୁ ଓଭରବ୍ରିଜ୍ ଠାରେ ନାକାବନ୍ଦୀ କରାଯାଇଥିଲା। ଏହି ସମୟରେ ଭାଗୁ ପ୍ରଧାନ ଓଭରବ୍ରିଜ ଉପରେ ପୁଲିସ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଭାଗୁ ପୁଲିସ ଉପରକୁ ଗୁଳି ଚଳାଇଥିଲା । ପୁଲିସ ଆତ୍ମରକ୍ଷା ପାଇଁ ପାଲଟାଗୁଳି ଚଳାଇବାରୁ ଭାଗୁର ବାମଗୋଡ ଆଣ୍ଠୁତଳେ ଗୁଳି ବାଜିବାରୁ ସେ ପଡିଯାଇଥିଲା। ପୁଲିସ ତାକୁ ପିପିଲି ଡାକ୍ତରଖାନାରେ ଚିକିତ୍ସା କରିଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ପଠାଯାଇଛି । ଭାଗୁଠାରୁ ୯ଏମଏମ ପିସ୍ତଲ, ଅଫୁଟାଗୁଳି ଓ ବାଇକ ଜବତ କରିଛି। ତା'ର ନାମରେ ତାଳବଣିଆ ଥାନା କୁମ୍ଭାରପଡା ଥାନା, ଚନ୍ଦନପୁର ଥାନା, ପୁରୀସଦର ଥାନାରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରହିଛି । ରେଳଫାଟକଠାରେ ଏକାଦଶୀ ହତ୍ୟାକାଣ୍ଡ, ଗୋପାଳପୁର ଭକ୍ତ ଦାସ ହତ୍ୟାକାଣ୍ଡ, ଗୁଣ୍ଡିଚାମନ୍ଦିର ନିକଟରେ ପାରା ହତ୍ୟାକାଣ୍ଡ ସହ ଭାଗୁ ନାଁରେ ଅଭିଯୋଗ ରହିଥିଲା। ଏହା ସହ ଚୋରି, ଡକାୟତି, ବନ୍ଧୁକ ଚୋରା ଚାଲାଣ, ଦାଦାବଟି, ଯାଗା ଦଖଲ, ବାଲି ଚୋରାଚାଲାଣ ଓ ଠିକାଦାରିରେ ଅନେକ ମାମଲା ରହିଥିଲା । ଏ ସଂପର୍କରେ ପୁରୀ ଏସପି ଡଃ. ଉମାଶଙ୍କର ଦାଶ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭାଗୁ ନାମରେ ଅନେକ ସଙ୍ଗୀନ ଅପରାଧୀକ ମାମଲା ରହିଥିଲା । ପାରା ହତ୍ୟାକାଣ୍ଡ ପରେ ଗିରଫ ହୋଇ ଜେଲରେ ରହିଥିଲା । ଜେଲରୁ ଜାମିନ ଆସିବା ପରେ ସେ ନିମାପଡା ଅଂଚଳରେ ଲୁଚିକରି ରହୁଥିବା ଖବର ପହଂଚି ଥିଲା। ପିପିଲି ଓଭରବ୍ରିଜ ଠାରେ ପୁଲିସ ନାକାବନ୍ଦୀ ସମୟରେ ସେ ଗୁଳି ଚଳାଇ ଖସି ଯିବାକୁ ଚେଷ୍ଟା କରିଥିଲା । ପୁଲିସ ପାଲଟାଗୁଳି ଚଳାଇବାରୁ ଭାଗୁ ଆହତ ହୋଇଥିଲା। ଏଥିରେ ତାଳବଣିଆ ଥାନା ଆଇଆଇସି ଆହତ ହୋଇଥିଲେ। ଭାଗୁ ନାମରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରହିଛି। ୨୦୦୪ରୁ ଅପରାଧ ଜଗତରେ ପ୍ରବେଶ କରିଥିଲା। ଆଇଜି ଆଶିଷ ସିଂ ଓ ପୁରୀ ଏସପି ପୁରୀ ସହରରୁ ଅପରାଧୀମାନଙ୍କୁ କବଜା କରିବା ପାଇଁ ସବୁ ଥାନା ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି । କେଉଁ ଥାନାରେ କେତେ ପେଶାଦାର ଅପରାଧୀ ବନ୍ଧୁକ ରଖିଥିବା ସଂପର୍କରେ ପୁଲିସ ଖୋଳତାଡ କରୁଛି । ପ୍ରତି ଥାନାରେ ଅପରାଧୀମାନଙ୍କୁ ଧରିବା ପାଇଁ ଏସପି ନିର୍ଦ୍ଦେଶ ଦେଇଛନ୍ତି । ପର୍ଯ୍ୟଟନ ସହର ଶ୍ରୀକ୍ଷେତ୍ରକୁ ଅପରାଧୀ ମୁକ୍ତ କରିବା ପାଇଁ ପୁଲିସ ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଛି ।

## ଅବକାରୀ ଚଢ଼ଉ : ୧୦୩ ଲିଟର ମଦ, ୪୪ କେଜି ଭାଙ୍ଗ ସହିତ ବାଇକ୍ ଜବତ

ଗଞ୍ଜାମ, ୧୮।୧୦(ପି.ଏନ): ସୋରଡ଼ା ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ କେତେକ ସ୍ଥାନରେ ଚଢ଼ଉ କରାଯାଇ ୧୦୩ ଲିଟର ମଦ, ୪୪ କେଜି ଭାଙ୍ଗ ସହିତ ଏକ ବାଇକ୍ ଜବତ କରାଯାଇଛି । ହେଲେ ପୋଲିସର ଉପସ୍ଥିତି ଦେଖି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ । ଫଳରେ ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ । ଅବକାରୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଛି ।

## ୯ଟି ସହରର ମିଡ଼ିଆ ଏବଂ ଏଂଟରଟେନ୍‌ମେଂଟ୍ ସେକ୍ଟରରେ ୧୪ଟି ସ୍ୱୀକୃତିପ୍ରାପ୍ତ ୱାଲ୍ଡ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ସେଂଟର ସ୍ଥାପନ ପାଇଁ ଯୋଜନା




ଭୁବନେଶ୍ୱର, ୧୮।୧୦(ପି.ଏନ): ଭାରତରେ ଯୁବବର୍ଗଙ୍କ ଦକ୍ଷତା ବିକାଶ ପାଇଁ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ଡ. ମହେନ୍ଦ୍ର ନାଥ ପାଣ୍ଡେ ଦେଶର ୯ଟି ସହରର ମିଡ଼ିଆ ଏବଂ ଏଂଟ୍ରଟେନ୍‌ମେଂଟ୍ ସେକ୍ଟରରେ ୧୪ଟି ସ୍ୱୀକୃତିପ୍ରାପ୍ତ ୱାଲ୍ଡ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ସେଂଟର ସ୍ଥାପନ ପାଇଁ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି । ସେସବୁ ସହର ମଧ୍ୟରେ ଚଣ୍ଡିଗଡ଼, ଚେନ୍ନାଇ, ମୁମ୍ବାଇ, ପୁଣେ, ଶିଲଂ ଏବଂ ତ୍ରିଭାନ୍ଦ୍ରମ୍ ଆଦି ସହର ରହିଛି। ଏଠାରେ ଯୁବବର୍ଗଙ୍କୁ ଜାତୀୟ ତଥା ଅଂର୍ଜାତୀୟସ୍ତରର ଗୁଣବର୍ତାଯୁକ୍ତ ତାଲିମ୍ ପ୍ରଦାନ କରାଯିବ। ସ୍ୱୀକୃତିପ୍ରାପ୍ତ ୱାଲ୍ଡ ସ୍କିଲ୍ ଇଣ୍ଡିଆ ଟ୍ରେନିଂ ସେଂଟର ସହିତ ମିଡ଼ିଆ ଏବଂ ଏଂଟ୍ରଟେନ୍‌ମେଂଟ୍ ସ୍କିଲ୍ କାଉନସିଲ୍ ମିଳିତ ଭାବେ ବିଶ୍ୱସ୍ତରୀୟ ଟ୍ରେନିଂ ଉପଲବ୍ଧ କରାଇବା ଲାଗି ଯୋଜନା କରାଯାଇଛି ।ଏହି ଘୋଷଣା ଅବସରରେ ଚଳିତ ବର୍ଷ ଅଗଷ୍ଟରେ କାଜାନ୍‌ରେ ଅନୁଷ୍ଠିତ ହୋଇଥିବା ୱାଲ୍ଡ ସ୍କିଲ୍ ପ୍ରତିଯୋଗୀତାର ସଫଳ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ସମ୍ମାନୀତ କରାଇଥିଲେ। ଗ୍ରାଫିକ୍ ଡିଜାଇନିଂରେ ବ୍ରୋ୍ ପଦକ ଲାଭ କରିଥିବା ଶ୍ୱେତା ରତନପୁରା ଏବଂ ଡିଜାଇନିଂ ମିଡ଼ିଆ ପ୍ରତିଷ୍ଠାତା ସଥିଶ୍ ନାରାୟଣଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୩ଡି ଗେମ୍ ଆର୍ଟରେ ମେଡାଲେସନ୍ ପାଇଥିବା ନିଧି ପ୍ରେମ୍ ଏବଂ ତାଙ୍କର ପ୍ରଶିକ୍ଷକ ପ୍ରଦୀପ୍ କୁମାରଙ୍କୁ ୫୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରିଂଟ୍ ଟେକ୍ନୋଲୋଜିରେ ୧୧ ତମ ସ୍ଥାନ ହାସଲ କରିଥିବା ଶ୍ରୀନିକ୍ ଗାଗୁଲେ ଏବଂ ତାଙ୍କ ପ୍ରଶିକ୍ଷକ ସମିର ପ୍ରଭୁନେଙ୍କୁ ୨୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା ।ଚଳିତ ବର୍ଷ ୱାଲ୍ଡ ସ୍କିଲ୍ ଇଂଟରନ୍ୟାସନାଲ୍ କମ୍ପିଟେସନ୍‌ରେ ୪୮ ଜଣିଆ ଭାରତୀୟ ଦଳ ରୁଷିଆର କଜାନ୍‌ଠାରେ ଯୋଗଦେଇଥିଲେ। ଭାରତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ସିଲଭର ଏବଂ ଦୁଇଟି ବ୍ରୋ୍ ପଦକ ପାଇବା ସହିତ ୧୫ଟି ମେଡାଲିୟନ୍ ଏକ୍ସେଲେନ୍ସ ହାସଲ କରିଛି। ଏହି ଅବସରରେ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ କହିଲେ, ' ଯୁବବର୍ଗଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଆମେ ଗ୍ରାଫିକ୍ ଡିଜାଇନିଂ, ୩ଡି ଡିଜିଟାଲ ଗେମ୍ ଆର୍ଟ, ପ୍ରିଂଟ୍ ମିଡ଼ିଆ ଆଦି କ୍ଷେତ୍ରରେ ବେଶ୍ ସଫଳ ରହିପାରିଛୁ। ଯୁବବର୍ଗଙ୍କ ଦକ୍ଷତା ବିକାଶ ଦ୍ୱାରା ଦେଶର ବିଭିନ୍ନ କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିବ ।ଏହି ଅବସରରେ ମିଡ଼ିଆ ଏବଂ ଏଂଟ୍ରଟେନ୍‌ମେଂଟ୍ ସ୍କିଲ୍ କାଉନସିଲ୍ ଅଧ୍ୟକ୍ଷ ସୁଭାଷ ଘାଇ କହିଲେ, ' ୱାଲ୍ଡ ସ୍କିଲ୍ ଇଂଟରନ୍ୟାସନାଲ୍ କମ୍ପିଟେସନ୍‌ରେ ପ୍ରତିଯୋଗୀମାନେ ସଫଳ ହୋଇଛନ୍ତି । ଏହା ସେମାନଙ୍କ ପାଇଁ ସର୍ବୋତ୍କୃଷ୍ଟ ସମ୍ମାନ। ଆମେ ଅଧିକରୁ ଅଧିକ ଯୁବବର୍ଗଙ୍କୁ ଏଭଳି ସୃଜନାତ୍ମକ କାର୍ଯ୍ୟ ପାଇଁ ଉତ୍ସାହିତ କରୁଛୁ।ଏହି ଅବସରରେ ଏନଏସଡିସି ସିଇଓ ମନୀଶ କୁମାର କହିଲେ, ' ଧନ୍ଦାମୂଳକ ତାଲିମ୍ ଦ୍ୱାରା ଯୁବବର୍ଗଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରୁଛି। ୱାଲ୍ଡ ସ୍କିଲ୍ ଇଂଟରନ୍ୟାସନାଲ୍ କମ୍ପିଟେସନ୍‌ରେ ଯୁବବର୍ଗଙ୍କ ସଫଳତା ପରେ ଏବେ ସେମାନଙ୍କୁ ୨୦୨୧ରେ ସାଙ୍ଘାଇ ପ୍ରତିଯୋଗୀତା ପାଇଁ ପ୍ରସ୍ତୁତ କରାଯାଉଛି ।

## ଦେଶର ପ୍ରତ୍ୟକ ରାଜ୍ୟରେ ଏନ୍‌ଆରସି ଲାଗୁ ହେବା ଦରକାର:ଭୈୟାଜୀ ଯୋଷୀ

ଭୁବନେଶ୍ୱର,୧୮।୧୦(ପି.ଏନ): ସଂପୂର୍ଣ୍ଣ ଦେଶରେ ଏନ୍‌ଆରସି ଲାଗୁ ହେବା ଉଚିତ । ସଂପୂର୍ଣ୍ଣ ଦେଶରେ ଅନୁପ୍ରବେଶ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଏକ ରାଷ୍ଟ୍ରୀୟନୀତି ନିର୍ମାଣ ପୂର୍ବକ ତାଙ୍କପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହା ସରକାରଙ୍କ କାର୍ଯ୍ୟ । ବର୍ତମାନ ଆସାମରେ ଏହାର ପ୍ରୟୋଗ କରା ଯାଇଛି, ଯାହା ସଂପୂର୍ଣ୍ଣ ଦେଶରେ ଲାଗୁ କରାଯିବା ଉଚିତ ବୋଲି ସାମ୍ବାଦିକମାନଙ୍କର ଏନ୍‌ଆରସି ବିଷୟରେ ପଚାରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ମାନନୀୟ ସୁରେଶ (ଭୈୟାଜୀ ) ଯୋଷୀ ଏକଥା ଉଲ୍ଲେଖ କରିଛନ୍ତି । ଭୁବନେଶ୍ୱରରେ ଚାଲିଥିବା ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳର ସମାପନ ଦିବସରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ମାନନୀୟ ସୁରେଶ (ଭୈୟାଜୀ ) ଯୋଷୀ କହିଲେ ଯେ, ସଂପୂର୍ଣ୍ଣ ଦେଶରେ ରାଷ୍ଟ୍ରୀୟ ସ୍ୱୟଂସେକ ସଂଘ ପକ୍ଷରୁ ୧ ଲକ୍ଷ ୫୦ରୁ ଉର୍ଦ୍ଧ୍ୱ ସେବାକାର୍ଯ୍ୟ ଚାଲୁ ରହିଛି । ୨୦ ଟି ସ୍ଥାନରେ ଚିକିତ୍ସାଳୟ ଏବଂ ୧୫ଟି ରକ୍ତ ଭଣ୍ଡାର ମଧ୍ୟ ସଂଚାଳିତ ହେଉଛି । ସେ କହିଥିଲେ ଯେ, ପାକୃତିକ ବିପର୍ଯ୍ୟୟ ସମୟରେ ସଂଘ ବିଭିନ୍ନ ସହାୟତା କାର୍ଯ୍ୟ ଆରମ୍ଭ ଦିନରୁ ଚାଲୁ ରଖିଥିଲା ହେଲେ ୧୯୮୯ ମସିହାରୁ ଏକ ଯୋଜନା ବଦ୍ଧ ଭାବରେ ସେବା କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରାଗଲା । ବର୍ତମାନ ଦେଶର କୋଣ ଅନୁକୋଣରେ ସ୍ୱୟଂସେବକମାନଙ୍କ ଦ୍ୱାରା ଦେଢଲକ୍ଷରୁ ଉର୍ଦ୍ଧ୍ୱ ସେବା ପ୍ରକଳ୍ପ ଚାଲୁ ରହିଛି । ୨୦ଟି ସ୍ଥାନରେ ସ୍ୱୟଂସେବକମାନେ ୫୦ ରୁ ୧୫୦ ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ସଂଚାଳିତ କରୁଛନ୍ତି । ଏହା ବ୍ୟତିତ ୧୫ଟି ରକ୍ତ ଭଣ୍ଡାର ମଧ୍ୟ କାର୍ଯ୍ୟରତ ଯାହା ସେ ଅଂଚଳର ଆବଶ୍ୟକତାର ୫୦ ପ୍ରତିଶତ ପୂରଣ କରି ପାରୁଛି । ଏହାଛଡା ଦିବ୍ୟାଙ୍ଗମାନଙ୍କ ସେବା କ୍ଷେତ୍ରରେ ମଧ୍ୟ ସ୍ୱଂୟସେବକମାନେ କାର୍ଯ୍ୟ କରୁଛନ୍ତି । ପ୍ରତିବର୍ଷ ୩ ହଜାରରୁ ୪ ହଜାର ନେତ୍ରଦାନ ସ୍ୱୟଂସେବକମାନଙ୍କ ପ୍ରଚେଷ୍ଟାରେ ସଫଳ ହୋଇ ପାରୁଛି । ଏହାଛଡା ଗ୍ରାମବିକାଶ କ୍ଷେତ୍ରରେ ମଧ୍ୟ ସ୍ୱୟଂସେବକମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ୨୫୦ଟି ଗ୍ରାମରେ ସେହି ଗ୍ରାମବାସୀଙ୍କ ସହଯୋଗକୁ ନେଇ ବିକାଶର ମଡେଲ ପ୍ରତିଷ୍ଠା କରାଯାଇଛି । ସେ କହିଥିଲେ ଯେ ଆମର ପରିକଳ୍ପନା ହେଉଛି ଗ୍ରାମର ବିକାଶ ପାଇଁ ସେଠାକାର ନିବାସୀ ସ୍ୱଇଛାରେ କାର୍ଯ୍ୟ କରନ୍ତୁ । ସଂଘ ଏଥିରେ ସହଯୋଗ କରିବ । ସରକାର୍ଯ୍ୟବାହ କହିଲେ ଯେ, ଗ୍ରାମବିକାଶର ମଡେଲରେ ୫ଟି କ୍ଷେତ୍ର ଯଥା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ସାମାଜିକ ସଦ୍‌ଭାବନା ଏବଂ ସ୍ୱାବଲମ୍ବନକୁ ସାମିଲ କରାଯାଇଛି । ଦେଶର ଏକଲକ୍ଷରୁ ଅଧିକ ଗ୍ରାମରେ ସଂଘର ବିଚାରକୁ ବୁଝିବା, ସହଯୋଗ କଲାଭଳି ବ୍ୟକ୍ତିବିଶେଷ ରହିଛନ୍ତି । ପ୍ରତିଦିନ ସଂଘର ଶାଖାକୁ ଆସୁଥିବା ସ୍ୱୟଂସେବକମାନଙ୍କର ସଂଖ୍ୟା ୫ ଲକ୍ଷରୁ ଉର୍ଦ୍ଧ୍ୱ । ଯେଉଁମାନଙ୍କର ବୟସ ୧୬ ବର୍ଷରୁ ଅଧିକ । ଏହାଛଡା ୧୬ ବର୍ଷରୁ କମ୍ ବୟସର ୪ଲକ୍ଷ ସ୍ୱୟଂସେବକ ମଧ୍ୟ ପ୍ରତିଦିନ ଶାଖା ଆସୁଛନ୍ତି । ଦେଶରେ ୫୯ହଜାର ଗ୍ରାମୀଣ ମଣ୍ଡଳ ମଧ୍ୟରୁ ପାଖାପାଖି ୩୦ ହଜାର ଗ୍ରାମରେ ସଂଘକାର୍ଯ୍ୟ ଚାଲୁଅଛି। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ବିଷୟକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ, ଅଯୋଧ୍ୟାରେ ଶ୍ରୀରାମ ଜନ୍ମଭୂମି ଠାରେ ମନ୍ଦିର ନିର୍ମାଣ ପାଇଁ ସମସ୍ତ ବାଧା ଦୂର କରାଯିବା ଆବଶ୍ୟକ । ବର୍ତ୍ତମାନ ଏ ମାମଲାର ଶୁଣାଣି ସମାପ୍ତ ହୋଇ ସାରିଛି । ଆମେ ଆଶାକରୁ ଯେ, ନ୍ୟାୟାଳୟର ନିର୍ଣ୍ଣୟ ହିନ୍ଦୁ ସମାଜ ସପକ୍ଷରେ ଯିବ । ଅଦାଲତ ବାହାରେ ଏହି ସମସ୍ୟାର ସମାଧାନକୁ ନେଇ ପଚରା ଯାଉଥିବା ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ, ସଦ୍‌ଭାବନା ପୂର୍ବକ ସମସ୍ୟାର ସମାଧାନ କରିବା ନିମନ୍ତେ ଅନେକ ପ୍ରଚେଷ୍ଟା କରାଯାଇଥିଲା । ଯଦି ଏହା ସମ୍ଭବ ହୋଇଥାନ୍ତା ,ତାହାହେଲେ ସମଗ୍ର ବିଶ୍ୱରେ ଭାରତର ପ୍ରତିଷ୍ଠା ବଢିଥାନ୍ତା । ଆମେ ମଧ୍ୟ ଏଭଳି ପ୍ରଚେଷ୍ଟାକୁ ସ୍ୱାଗତ କରିଥିଲୁ କିନ୍ତୁ ଏହା ସମ୍ଭବ ହୋଇ ପାରିଲା ନାହିଁ । ଯଦ୍ୱାରା ନ୍ୟାୟାଳୟରେ ଅନେକ ସମୟଧରି ମାମଲାର ବିଚାର ଚାଲିଥିଲା । ବର୍ତ୍ତମାନ ନ୍ୟାୟାଳୟରେ ଶୁଣାଣିକାର୍ଯ୍ୟ ସଂପୂର୍ଣ୍ଣ ହୋଇ ସାରିଛି । ବର୍ତ୍ତମାନ ଆମକୁ ନିର୍ଣ୍ଣୟକୁ ପ୍ରତିକ୍ଷା କରିବାକୁ ହେବ । ଦେଶରେ ସମାନ ନାଗିରିକ ସଂହିତା ଆଇନ୍ ଲାଗୁ କରାଯିବା ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଦେଇ ଭୈୟାଜୀ ଯୋଷୀ କହିଲେ ଯେ, ଏହା ବହୁ ପୁରାତନ ଦାବି । ସଂମ୍ବିଧାନ ନିର୍ମାଣ ସମୟରେ ଏ ବିଷୟରେ ନିର୍ଣ୍ଣୟ କରାଯିବା ଦରକାର ଥିଲା । କୌଣସି ଦେଶରେ ନାଗରିକମାନଙ୍କ ପାଇଁ ଏକ ସମାନ ଆଇନ୍ ହେବା ଉଚିତ । ଏହାସମସ୍ତଙ୍କ ହିତକାରଙ୍କ ମଧ୍ୟ । କାଶ୍ମୀର ପଣ୍ଡିତମାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଦେଲାବେଳେ ସେ କହିଲେ ଯେ, ସୁରକ୍ଷାଗତ କାରଣ ଯୋଗୁଁ କାଶ୍ମୀରୀ ପଣ୍ଡିତମାନେ ନିଜ ଘର ଛାଡି ପଳାୟନ କରିବାକୁ ବାଧ୍ୟ ହୋଇଥିଲେ । ଆମେ ଚାହୁଁ ଯେ କାଶ୍ମୀରରେ ସୁରକ୍ଷାର ବାତାବରଣ ଫେରିଆସୁ । କାଶ୍ମୀର ହିନ୍ଦୁ ସମାଜ ନିଜ ଘରକୁ ସୁରକ୍ଷା ପୂର୍ବକୁ ଫେରି ଆସନ୍ତୁ । ଅଖଣ୍ଡ ଭାରତ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ ଯେ, ବିଭାଜିତ ଭାରତର ସମସ୍ତ ଅଂଚଳରେ ଏକ ପ୍ରକାର ସାଂସ୍କୃତିକ ଧାରା ରହିଛି । ପଶ୍ଚିମବଙ୍ଗରେ ଜାରି ରହିଥିବା ହିଂସାକାଣ୍ଡକୁ ନେଇ ସେ କହିଲେ ଯେ, ଏହା ସରକାରଙ୍କ ଦାୟିତ୍ୱ ଯେ, ସେ ନିଜ ନାଗିରିକମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ ବାମପନ୍ଥୀଙ୍କ ଶାସନ କାଳରେ ସଂପୂର୍ଣ୍ଣ ସମାଜ ଭୟର ବାତାବରଣ ଭିତରେ ଥିଲା କିନ୍ତୁ ବର୍ତମାନ ଗୋଟିଏ ନିର୍ଦ୍ଦିଷ୍ଟ ସମାଜକୁ ଭୟଭିତ କରିବାକୁ ଚେଷ୍ଟା କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ଶ୍ରୀ ଅରୁଣ କୁମାର ଓ ଅଖିଳ ଭାରତୀୟ ସହ–ପ୍ରଚାର ପ୍ରମୁଖ ଶ୍ରୀ ନରେନ୍ଦ୍ର ଠାକୁର ମଧ୍ୟ ଉପସ୍ଥିତ ଥିଲେ ।

## ବିଜେପୁରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନୀ ପ୍ରଚାର



ବିଜେପୁର, ୧୮।୧୦(ପି.ଏନ): ବିଜେପୁର ଉପନିର୍ବାଚନର ପ୍ରଚାର ଶେଷ ପର୍ଯ୍ୟାୟରେ ପହଁଚିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ ବିଜେପୁରର ମୌଳିକ ପ୍ରଶ୍ନର ଉତର ଦେଇନାହାନ୍ତି । ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଗୋଟିଏ ହେଲେ ପ୍ରତିଶ୍ରୁତି ପାଳନ କରିନାହାନ୍ତି । ଯଦି ଗଣତନ୍ତ୍ରରେ ମୁଖ୍ୟମନ୍ତ୍ରୀଙ୍କର ଜନସାଧାରଣଙ୍କ ପ୍ରତି ତିଳେ ମାତ୍ର ନୈତିକତାର ଦାୟିତ୍ୱ ଥାଏ ତେବେ ଦୀର୍ଘ ୨୦ ବର୍ଷ ଶାସନ ଛାଡି କେବଳ ଗତ ୨ ବର୍ଷରେ ସେ ବିଜେପୁର ପାଇଁ କଣ କଲେ ତାହାର ଉତର ରଖନ୍ତୁ ବୋଲି ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପୁରର ଏନ୍‌ଏସି, ବନ୍ଧପାଲି, ଗୋପେଇପାଲି ପଂଚାୟତ ଏବଂ ବରପାଲି ଏନଏସି ଠାରେ ଦଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପୁର ଗାଇସିଲେଟ୍ ବ୍ଲକର ନୂଆପାଲ୍ଲୀ ଗାଁର ଜଣେ କର୍ମଚାରୀ ତରଣୀସେନ୍ ମହାଲାଙ୍କ ମୃତଦେହ ଉଦ୍ଧାର ହୋଇଛି । ବିଜୁ ଯୁବ ବାହିନୀର ଲୋକମାନେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ ଏହା କଣ ବିଜେପୁର ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଉପହାର କି ? ମୁଖ୍ୟମନ୍ତ୍ରୀ ବିଜେପୁରର ବିକାଶ ପାଇଁ ଦାୟିତ୍ୱ ନେଇଥିବା ବେଳେ ବିକାଶ ବଦଳରେ ମୁଖ୍ୟମନ୍ତ୍ରୀଙ୍କ ବଚସ୍କରମାନେ ତରଣୀସେନ୍ ମହାଲାଙ୍କୁ ହତ୍ୟା କରିଥିବା ଅଭିଯୋଗର ମୁଖ୍ୟମନ୍ତ୍ରୀ ଉତର ରଖନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ହରିଦାସପୁର ପଂଚାୟତର ଭିଏଲଡବ୍ଲ୍ୟୁ ସ୍ମିତାରାଣୀ ବିଶ୍ୱାଳଙ୍କୁ ହତ୍ୟା କରାଯାଇଛି । ହତ୍ୟାର ୪୮ ଘଂଟା ବିତିଗଲା ପରେ ମଧ୍ୟ ତାଙ୍କ ହତ୍ୟା କେମିତି ହେଲା, କିପରି ହେଲା, କେଉଁଠି ହେଲା ମୋ ସରକାର ପାଖରେ ତାହାର ଉତର ନାହିଁ । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର'ରେ ଜଣେ କାର୍ଯ୍ୟରତ ତଳତଳିଆ କର୍ମଚାରୀ ମହିଳା ହୋଇଥିଲେ ସେ ଯୌନ ପିପାସୁର ଶୀକାର ହୋଇ ଶାସକ ଦଳର ଲୋକଙ୍କ ଦ୍ୱାରା ହତ୍ୟାର ଶୀକାର ହୁଅନ୍ତି ଏବଂ ଯେ ଦୁର୍ନୀତିରେ ସାମିଲ ନ ହୁଅନ୍ତି ସେ ହତ୍ୟାର ଶୀକାର ହୁଅନ୍ତି ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ୨୦୧୮ ଉପନିର୍ବାଚନରେ ଓ ୨୦୧୯ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାର ଉତର ଆଜି ଯାଏଁ ଦେଲେ ନାହିଁ । ମୁଖ୍ୟମନ୍ତ୍ରୀ ବିଜେପୁର ଉପନିର୍ବାଚନ ପ୍ରଚାରରେ ଥିବା ବେଳେ ଗଙ୍ଗାଧର ମେହେର ଭଳି ଅନ୍ୟ ବଡ ପ୍ରକଳ୍ପ କେଉଁ ପର୍ଯ୍ୟାୟରେ ପହଁଚିଲା ଯଥା ତାହାର ଉତର ମୁଖ୍ୟମନ୍ତ୍ରୀ ଦେଇନାହାନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ହିଞ୍ଜିଳିକାଟୁ ଆସନ ପରିବର୍ତେ କାହିଁକି ବିଜେପୁର ଆସନ ଛାଡିଲେ ? ବିଜେପୁରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କଣ କରିଛନ୍ତି ତାହାର ତାଲିକା ଦେବେ କି ? ମୁଖ୍ୟମନ୍ତ୍ରୀଙ୍କ ନୈତିକତା ଥିଲେ ମହାପ୍ରଭୁ ଓ ସମଲେଇଙ୍କ ପାଖରେ ଶପଥ ରଖି କୁହନ୍ତୁ ସେ ବିଜେପୁର ପାଇଁ କଣ କରିଛନ୍ତି ? ଏଥର ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କ ଆକ୍ରୋଶର ଶୀକାର ହେବେ । ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସନତ ଗଡତିଆଙ୍କୁ ବିଜେପୁରବାସୀ ଭୋଟ ଦେଇ ଜିତାଇବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

### ବିଜେପୁର ଉପ ନିର୍ବାଚନ ପାଇଁ ସ୍ୱତନ୍ତ୍ର ଛୁଟି ଘୋଷଣା

ଭୁବନେଶ୍ୱର, ୧୮।୧୦(ପି.ଏନ): ଚଳିତ ଅକ୍ଟୋବର ୨୧ ତାରିଖରେହେବାକୁ ଥିବା ୦୨– ବିଜେପୁର ଉପ ନିର୍ବାନାରେ ମତଦାନ କରିବା ନିମନ୍ତେ ନିର୍ବାଚନ ମଣ୍ଡଳୀ ବାହାରେ ରହୁଥିବା ଭୋଟରମାନେ ନିର୍ବାଚନର ପୂର୍ବଦିନ, ନିର୍ବାନ ଦିନ ଓ ନିର୍ବାଚନ ପରଦିନକୁ ମିଶାଇ ମୋଟ ତିନିଦିନ ଛୁଟି ନେଇପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ (ସ୍ୱରାଷ୍ଟ୍ର) ଘୋଷଣା କରିଛନ୍ତି । ଏତଦ୍‌ବ୍ୟତୀତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ତିନିଦିନରୁ ଅଧିକ ଦିନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ ସେମାନେ ମଧ୍ୟ ଗୋଟିଏ ଦିନ ସ୍ୱତନ ଇଚ୍ଛାଧିନ ଛୁଟି ନେଇପାରିବେ ।

## ଅବକାରୀ ବିଭାଗ ଚଢାଉ କରି ବିପୁଳ ପରିମାଣରେ ଜବତ କଲା ମଦ, ୧୦ ଗିରଫ

ଭଦ୍ରକ, ୧୮।୧୦(ପି.ଏନ): ଓଡ଼ିଶା ପ୍ରସିଦ୍ଧ ଭଦ୍ରକର କାଳୀପୂଜାକୁ ଦୃଷ୍ଟିରେ ରଖି ଜିଲାପାଳ ଜ୍ଞାନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ଭଦ୍ରକର ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ଧନେଶ୍ୱର ବରାଡଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ଦେଶୀ ଚୋରା ମଦ ପ୍ରସ୍ତୁତି ସାମଗ୍ରୀ ଓ ମଦ ରନ୍ଧା ସରଞ୍ଜାମ ଜବତ କରି ୧୦ ଜଣଙ୍କୁ ଗିରଫ କରିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଭଦ୍ରକର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ଶାନ୍ତିଶୃଙ୍ଖଳା ରକ୍ଷା ନିମିତ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ବରାଡଙ୍କ ପ୍ରତ୍ୟେତତ୍ତ୍ୱାବଧାନରେ ଉପନିରୀକ୍ଷକ ସ୍ୱଦନ ମହାନ୍ତି, ସଂଜୟ କୁମାର ପଣ୍ଡା, ସହ ଉପନିରୀକ୍ଷକ ପୁରସ୍ତମ ମଲ୍ଲିକ, ରାଧାନାଥ ନାୟକ, ଅବକାରୀ ସିପାହୀ ଭବେଶ ଦାସ, ପ୍ରଦୀପ ମଲ୍ଲିକ, ପରେଶ ଚନ୍ଦ୍ର ଟୁଡୁ, ମୁରଲୀ ପ୍ରଧାନ, ଦୀପକ ରାଉତଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ଭଦ୍ରକ ଗ୍ରାମାଞ୍ଚଳ ଓ ତିହିଡି ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରି ତଳାଙ୍ଗର ଲକ୍ଷ୍ମୀଧର ମୁଣ୍ଡା, ଗଣେଶ ବେହେରା, ସାହାଡର ପ୍ରଭାକର ବେହେରା, ଲଂଜାତାରାର ଶରତ ଚନ୍ଦ୍ର ମଲ୍ଲିକ, ସଦାନନ୍ଦପୁରର ଅଭିମନ୍ୟୁ ଜେନା, ଭୂୟାଁଉଁଆସର ଶକୁନ୍ତଳା ବେହେରା, ତଳଗୋପବିନ୍ଧାର ପ୍ରତାପ ମହାଳିକ, ସୁଶାନ୍ତ କୁମାର ମହାଳିକ, ନିରଂଜନ ଜେନା ଓ ବିଲଣାର ଦୁଃଶାସନ ଜେନାଙ୍କ ଭଳି ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହି ଚଢାଉରେ ଅବକାରୀ ବିଭାଗ ୮୬୦ ଲିଟର ଗୁଡପୋଚ, ୨୫୦ ଲିଟର ଦେଶୀ ମଦ ଓ ମଦରନ୍ଧା ସରଞ୍ଜାମ ଜବତ କରିଛି।

## ୨୦୨୦ ଅକ୍ଟୋବର ୨ ସୁଦ୍ଧା ଗ୍ରାମାଂଚଳରେ ବ୍ୟାନ୍ ହେବ ପ୍ଲାଷ୍ଟିକ୍ ବ୍ୟବହାର

ଭୁବନେଶ୍ୱର, ୧୮।୧୦(ପି.ଏନ): ଆସନ୍ତା ୨୦୨୦ ଅକ୍ଟୋବର ୨ ତାରିଖ ସୁଦ୍ଧା ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବ। ଏବେ କେବଳ ସହରାଂଚଳ ଓ ପୌରାଂଚଳରେ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିଥିବା ବେଳେ ଏହି ଦିନ ସୁଦ୍ଧା ଗ୍ରାମାଂଚଳରେ ମଧ୍ୟ ବ୍ୟାନ ହେବ ପ୍ଲାଷ୍ଟିକ ବ୍ୟବହାର। ଅନ୍ୟପକ୍ଷରେ ଏବେ ଗ୍ରାମାଂଚଳରେ ପ୍ଲାଷ୍ଟିକ କମ ବ୍ୟବହାର କରିବା ସହ ଉପଯୁକ୍ତ ଡିସପୋଜ ପାଇଁ ପଂଚାୟତରାଜ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ଲାଷ୍ଟିକ ଓ୍ୱେଷ୍ଟ ମ୍ୟାନେଜମେଂଟ ରୁଲ ଅନୁସାରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପ୍ରତ୍ୟେକ ଜିଲ୍ଲାରେ ପ୍ଲାଷ୍ଟିକ ଓ୍ୱେଷ୍ଟ ପ୍ରୋସେସିଂ ସେଂଟର ନିର୍ମାଣ କରାଯିବ। ପ୍ଲାଷ୍ଟିକ ଉତ୍ପାଦନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ତ୍ତ ବିଭାଗ ପ୍ଲାଷ୍ଟିକ ବର୍ଜ୍ୟକୁ ରାସ୍ତାକାମରେ ବ୍ୟବହାର କରିବ।

## ଢେଙ୍କାନାଳ ତହସିଲ ଅଫିସ୍‌ରେ କାମ କରୁନି ୫–ଟି

ଢେଙ୍କାନାଳ/ଭୁବନେଶ୍ୱର, ୧୮।୧୦(ପି.ଏନ): ଢେଙ୍କାନାଳ ତହସିଲ ଅଫିସ୍‌ରେ ବେଧଡକ ଭାବେ ଚାଲିଛି ଦୁର୍ନିତି ଏବଂ ତହସିଲଦାର ଲକ୍ଷ୍ମଣ ଦଳେଇ ମୁଖ୍ୟମନ୍ତ୍ରୀଙ୍କ "୫ଟି" ମିଶନ୍‌କୁ ଫୁ କରି ଉଡାଇଦେଉଛନ୍ତି ବୋଲି ଆଜି ପ୍ରେସ୍ ବିଜ୍ଞପ୍ତିରେ ଓଡିଶା ଭୂମିହିନ ପ୍ରଜା ସମିତିର ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତା ପ୍ରକାଶ କରିଛନ୍ତି । ଯଦି ଜିଲ୍ଲାପାଳ ଭୂମେଶ ଚନ୍ଦ୍ର ବେହେରା ବେଆଇନ୍ କାମରେ ସଂପୃକ୍ତ ଥିବା ଢେଙ୍କାନାଳ ତହସିଲଦାରଙ୍କୁ ସରକାରୀ ଚାକିରିରୁ ତୁରନ୍ତ ବହିଷ୍କାର ନ କରନ୍ତି ତେବେ ୨୦ ହଜାର ସମର୍ଥକଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାବି ପୂରଣ ହେବା ଯାଏ ଧାରଣା ଦିଆଯିବ ବୋଲ ଇଂ. ହୋତା ଚେତାବନୀ ଦେଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଜିଲ୍ଲାପାଳ ଗତ ୬ ଅଗଷ୍ଟରେ ଉପ–ଜିଲ୍ଲାପାଳଙ୍କୁ ଇ–ଟେକ୍ ରେସିଡେନ୍ସିଆଲ୍ କଲେଜ୍ ତଥା ବିଦ୍ୟାନିକେତନ ଚ୍ୟାରିଟେବୁଲ୍ ଟ୍ରଷ୍ଟର ସଂପାଦିକା ଶ୍ରୀମତି ସାଗରବାଳା ହୋତାଙ୍କର ଅନିୟମିତତା ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଆଦେଶ ଦେଇଥିଲେ । ତଦନୁଯାୟୀ ଶ୍ରୀପ୍ରଧାନ ୧୪ ଅଗଷ୍ଟ ଦିନ ତହସିଲଦାରଙ୍କୁ ଏକ ରିପୋର୍ଟ୍ ମାଗିଥିଲେ । ଇଂ. ହୋତା ମଧ୍ୟ ସେହି ସମୟରେ ତତ୍ ସମ୍ବନ୍ଧୀୟ ୧୧ ଗୋଟି ମ୍ୟୁଟେସନ୍ କେସ୍ ରେକର୍ଡର ସାର୍ଟିଫାଏଡ୍ ନକଲ ତହସିଲ ଅଫିସ୍‌ରୁ ମାଗିଥିଲେ । ତାଙ୍କୁ ୪ ଟି ର ନକଲ ଦିଆଯାଇ ଅନ୍ୟଗୁଡିକ ମିଳୁନାହିଁ ବୋଲି କୁହାଯିବାରୁ ସେ ବାଧ୍ୟ ହୋଇ ତହସିଲଦାରଙ୍କୁ ଭେଟିଥିଲେ । ସେ ବାକିସମସ୍ତ ରେକର୍ଡ ଖୋଜି ନକଲ ଦିଆଯିବ ବୋଲି ପ୍ରତିଶୃତି ଦେଲେ । ମାତ୍ର ରେକର୍ଡ ରୁମ୍ ର ସମସ୍ତ ଷ୍ଟାଫ୍ ବହୁ ଦିନ ଧରି ଖୋଜାଖୋଜି କରିବା ପରେ ନ ମିଳିବାରୁ ୧୩ ସେପ୍ଟେମ୍ବର ଦିନ ଇଂ. ହୋତାଙ୍କୁ ଏହି ୭ ଟି ରେକର୍ଡ ଢେଙ୍କାନାଳ ତହସିଲ ଅଫିସ୍ ରେକର୍ଡ ରୁମ୍‌ରେ ମିଳୁ ନାହିଁ ବୋଲି ଶ୍ରୀ ଦଳେଇ ଲିଖିତ ଆକାରରେ ଜଣାଇଥିଲେ । ୧୫ ଅକ୍ଟୋବର ଦିନ ତହସିଲଦାର ଏବଂ ଶ୍ରୀମତି ସାଗରବାଳା ହୋତାଙ୍କୁ ଡକାଇ କରିଥିବା ତଦନ୍ତର ରିପୋର୍ଟ୍ ଆଜି ମିଳିବା ପରେ ୧ମ ପୃଷ୍ଠାର ଶେଷ ପାରା ଅନୁଯାୟୀ ତହସିଲଦାର ଉପରୋକ୍ତ ୭ ଟି ଯାକ ରେକର୍ଡ ଉପ–ଜିଲ୍ଲାପାଳଙ୍କୁ ଦେଖାଇଲେ ବୋଲି ଜଣାପଡିଲା । ସୂଚନାଯୋଗ୍ୟ ଯେ, ଶ୍ରୀମତି ସାଗରବାଳା ହୋତା ଛାତ୍ରଛାତ୍ରୀମାନଙ୍କୁ ଠକି ଭୁବନେଶ୍ୱରର ନାନୋ +୨ କଲେଜରେ ଆଡ୍‌ମିସନ୍ କରିଦେବା ତଥା କର୍ମଚାରୀମାନଙ୍କୁ ମାସକୁ ସର୍ବନିମ୍ନ ୧୦ ହଜାର ଟଙ୍କା ଲେଖାଁ ଦରମା, ଇଏସ୍‌ଆଇ ଏବଂ ଇପିଏଫ୍ ଆଦି ନ ଦେଇ ଦିନରାତି କାମରେ ନିୟୋଜିତ କରିବା ଭଳି ସଙ୍ଗୀନ ଦୁର୍ନିତି ବିଷୟରେ ପ୍ରଶାସନ ଅବଗତ ଥାଇ ମଧ୍ୟ ରାଜ୍ୟ ସରକାରରେ ଥିବା ବିଜେଡିର ବଡ ବଡ ନେତାଙ୍କ ଭୟରେ ଇ–ଟେକ୍ +୨ କଲେଜ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚାଚାଲିଛି ।






# ଟି ଟାଇମ୍

## ପୁରାଣ କାହାଣୀ

# ମା' କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହାଁନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଋଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି । ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ । ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ । ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ । ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି । ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି । ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ । ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଋଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଋଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ । ୩୪ବର୍ଷୀୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ । ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ । ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା । ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ । ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ । ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର ।



# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।



# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।



# ମୋ ଗାଁ

## ନୋକିଆ ୧୧୦ ଫିଚର ଫୋନ୍ ବର୍ତ୍ତମାନ ବଜାରରେ

ଭୁବନେଶ୍ୱର : ଏଚଏମଡି ପକ୍ଷରୁ ଏହାର ଲୋକପ୍ରିୟ ଫିଚର ଫୋନ ଶୃଙ୍ଖଳରେ ନୂତନ ନୋକିଆ ୧୧୦ର ଶୁଭାରମ୍ଭ କରାଯାଇଛି । ଏହି ନୂଆ ନୋକିଆ ୧୧୦ ଆପଣଙ୍କୁ ମନୋରଞ୍ଜନ ପାଇଁ ସବୁକିଛି ସାମିଲ କରିଛି ଯେପରି ଏମପିଥ୍ରୀ ପ୍ଲେୟର, ଏଫଏମରେଡିଓ, କ୍ଲାସିକ ସ୍ନେକ ଭଳି ଆପଣଙ୍କ ମନପସନ୍ଦର ଗେମ ଏବଂ ଏଭଳି ଏକ ବ୍ୟାଟେରୀ ଯାହାକି ଥରେ ମାତ୍ର ଚାର୍ଜରେ ଆପଣଙ୍କୁ ସୂର୍ଯ୍ୟୋଦୟ ରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କଥା ହେବାକୁ ଦେଇଥାଏ । ନୋକିଆ ଫିଚର ଫୋନ ଫୋର୍ଟଫୋଲିଓରେ ସାମିଲ ହୋଇଥିବା ଏହି ନୂତନ ସଂସ୍କରଣ ମ୍ୟୁଜିକ, ଗେମ ଏବଂ ଫଟୋକୁ ପୂର୍ବାପେକ୍ଷା ଅପେକ୍ଷା ଏକ ଅଧିକ ବ୍ୟୟସାପେକ୍ଷ ମୂଲ୍ୟରେ ନେଇ ଆସିଛି ।

ଏହା ସମ୍ପର୍କରେ ଏଚଏମଡି ଗ୍ଲୋବାଲର ମୁଖ୍ୟ ଉତ୍ପାଦ ଅଧିକାରୀ ଶ୍ରୀ ଜୁହୋ ସର୍ବିକାସ କହିଛନ୍ତି, "ବର୍ତ୍ତମାନ ନୋକିଆ ୧୧୦ ସହ ଆମେ ମନୋରଞ୍ଜନକୁ ଆଉ ପାଦେ ଆଗକୁ ବଢ଼ାଇ ଦେଇଛୁ । ଗୋଟିଏ ନୋକିଆ ଫିଚର ଫୋନରୁ ଆମର ପ୍ରଶଂସକମାନେ ଆଶାକରୁଥିବା ସମସ୍ତ ନିତି ଦିନିଆ ଆବଶ୍ୟକତା ସହ ନୋକିଆ ୧୧୦, ଏକ ଆଧୁନିକ, ଦୀର୍ଘସ୍ଥାୟୀ ଡିଜାଇନ ସହ ଆସିଛି ।"ଏଚଏମଡି ଗ୍ଲୋବାଲ, ଏପିଏସି ଏବଂ ଭାରତର ଉପାଧ୍ୟକ୍ଷ ତଥା ଆଞ୍ଚଳିକ ମୁଖ୍ୟ ଶ୍ରୀ ଅଜୟ ମେହେଟା କହିଛନ୍ତି ଯେ, " ମନୋରଞ୍ଜନ ସହ ଯୋଡ଼ି ହୋଇ ରହିବାକୁ ଚାହୁଁଥିବା ଉପଭୋକ୍ତାମାନଙ୍କ ପାଇଁ ଭାରତୀୟ ଫିଚର ଫୋନ କ୍ଷେତ୍ରରେ ନୋକିଆ ୧୧୦ ଏକ ଉପଯୁକ୍ତ ପ୍ରସ୍ତାବ, ଯାହାକି କେବଳ ବିଶ୍ୱାସଯୋଗ୍ୟ ଏବଂ ଦୀର୍ଘସ୍ଥାୟୀ ହୋଇନଥାଏ କିନ୍ତୁ ଏଭଳି ଏକ ବ୍ୟକ୍ତିତ୍ୱକୁ ଧାରଣ କରିଛି ଯାହାକି ଏହାକୁ ଅନେକ ବ୍ୟବସ୍ଥିତ ଫୋନ ମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବେ ଦଣ୍ଡାୟମାନ ହେବାରେ ସମର୍ଥ କରାଇଛି ।"

ନୋକିଆ ୧୧୦ ଓସନ ବ୍ଲୁ, ବ୍ଲାକ ଏବଂ ପିଙ୍କ ରଙ୍ଗରେ ଚଳିତ ବର୍ଷ ୧୮ ଅକ୍ଟୋବର ଠାରୁ ଭାରତର ସମସ୍ତ ଅଗ୍ରଣୀ ମୋବାଇଲ ରିଟେଲ ଆଉଟଲେଟ ଏବଂ ଘକ୍ଟଳସବ.ମକ୍ଟଙ୍କ/କ୍ଟ୍ରଷକ୍ଟଭରସ୍ୱ ୱେବସାଇଟରେ ମାତ୍ର ଟ.୧,୫୯୯/-ରେ ଉପଲବ୍ଧ ହେଉଛି ।

## ଓଡ଼ିଶାର ୫୫,୦୦୦ ଦୋକାନୀ ୟୁନିକେଟ୍‌ର ଅଂଶ ହେବାକୁ ଯାଉଛନ୍ତି

ଭୁବନେଶ୍ୱର: ରିଲାଏନ୍‌ସର ସମର୍ଥନ ହାସଲ କରିଥିବା ଫାଇଣ୍ଡ୍ ପକ୍ଷରୁ ୟୁନିକେଟ୍ ଉନ୍ମୋଚନ କରାଯାଇଛି । ଏହା ହେଉଛି ଏକ ସ୍ୱତନ୍ତ୍ର ଡାଇରେକ୍ଟ ଟୁ ରିଟେଲ୍ ସମାଧାନ ଯାହା ଓଡ଼ିଶାର ରିଟେଲରମାନଙ୍କୁ ବ୍ରାଣ୍ଡ୍‌ର ସାମଗ୍ରୀକୁ ପ୍ରତ୍ୟକ୍ଷ କରାଇବ ଏବଂ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଏବଂ ଯେକୌଣସି ପ୍ରକାରରେ ସେମାନଙ୍କ ସୁବିଧା ଅନୁସାରେ କିଣିବାର ସୁବିଧା ପ୍ରଦାନ କରି ସେମାନଙ୍କ ବ୍ୟବସାୟ ବଢ଼ାଇବାରେ ସହାୟକ ହେବ ।

ସିଧାସଳଖ ବ୍ରାଣ୍ଡ୍‌ରୁ, ଅସଲି ବିଲ ଏବଂ ନିଶ୍ଚିତ ରିଟର୍ଣ୍ଣ ଭଳି ମୌଳିକ ସ୍ୱାତନ୍ତ୍ରତା ସହିତ ୟୁନିକେଟ୍ ଦୋକାନୀମାନଙ୍କୁ ଆଗକୁ ବଢ଼ାଇବ ଏବଂ ଏହାର ଟ୍ୟାଗ୍ ଲାଇନ୍ ଆପଣ ପ୍ରଗତିର ଷ୍ଟୋର୍ (ୟୋର ପ୍ରୋଗେସିଂ ଷ୍ଟୋର୍)କୁ ଅକ୍ଷରେ ଅକ୍ଷରେ ପାଳନ କରିବ । ସାଧାରଣ ପାଇକାରୀ ବଜାର ଠାରୁ ଭିନ୍ନ ୟୁନିକେଟ୍ ଦୋକାନୀମାନଙ୍କୁ ଗୋଟିଏ ମାତ୍ର ସାମଗ୍ରୀ କିଣିବାର ମଧ୍ୟ ସୁଯୋଗ ପ୍ରଦାନ କରିବ ।

ୟୁନିକେଟ୍ ଜରିଆରେ ଫାଇଣ୍ଡ୍ ପକ୍ଷରୁ ଦୋକାନୀମାନଙ୍କୁ ସେମାନଙ୍କ ନିଜସ୍ୱ ମାଗଣା ୱେବସାଇଟ୍ ଏବଂ ଆପ୍ ପ୍ରଦାନ କରାଯିବା ସହିତ ୫୦ରୁ ଅଧିକ ବ୍ରାଣ୍ଡର ୫୦,୦୦୦ରୁ ଅଧିକ ଷ୍ଟାଇଲ୍ ବିକ୍ରିର କ୍ଷମତା ଯୋଗାଇ ଦିଆଯିବ । ନିଜ ପସନ୍ଦର ବ୍ରାଣ୍ଡ୍ ନପାଇବ ଷ୍ଟୋର୍‌ରେ ଅସନ୍ତୁଷ୍ଟ ହୋଇ ଗ୍ରାହକ ଫେରିଯିବାର ଚିନ୍ତା ଦୋକାନୀମାନଙ୍କୁ କରିବାକୁ ପଡ଼ିବ ନାହିଁ । ୟୁନିକେଟ୍ ଆପ୍ ଡାଉନ୍‌ଲୋଡ୍ କରି ଦୋକାନୀମାନେ ନାମମାତ୍ର ସାମଗ୍ରୀ ରଖିପାରିବେ ଏବଂ ଯେଉଁ ବ୍ରାଣ୍ଡ୍‌ଗୁଡ଼ିକ ଦୋକାନରେ ଉଚ୍ଚ ଚାହିଦାରେ ରହିଥିବ ଏବଂ ଏହି ବ୍ରାଣ୍ଡେଡ୍ ଓ ଗୁଣାତ୍ମକ ସାମଗ୍ରୀଗୁଡ଼ିକୁ ଗ୍ରାହକଙ୍କ ଘର ପାଖରେ ଡେଲିଭରି ପ୍ରଦାନ କରିବ ।

ଭାରତର ୭୦୦ ବିଲିଅନ ଡଲାରର ରିଟେଲ୍ ବଜାରର ୯୦% ଅଫଲାଇନରେ କାରବାର ହେଉଛି । ୟୁନିକେଟ୍ ଏହାର ପ୍ରଯୁକ୍ତି ସମାଧାନ ଜରିଆରେ ଏହି ଦୋକାନୀମାନଙ୍କୁ ସଶକ୍ତ କରିବାକୁ ଚାହୁଛି ଏବଂ ବଡ଼ ମଲର ସଂଗଠିତ ରିଟେଲରଙ୍କ ଭଳି ସମାନ ସେବା ପ୍ରଦାନ କରିବାରେ ଏହା ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଚାହୁଛି । ଏହା ଜରିଆରେ ୟୁନିକେଟ ତରଫରୁ ଷ୍ଟୋରରେ ଅତିରିକ୍ତ ବିକ୍ରି ବଢ଼ାଇବା ସହିତ ଗ୍ରାହକ ଅନୁଭୂତିରେ ଉଲ୍ଲେଖନୀୟ ଅନୁଭୂତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି ।

ୟୁନିକେଟ ସମ୍ପର୍କରେ ହର୍ଷ ଶାହ, ସହ ପ୍ରତିଷ୍ଠାତା, ଫାଇଣ୍ଡ କହିଛନ୍ତି ଯେ, "ସାରା ବିଶ୍ୱରେ ଇଟା ପଥରର ଷ୍ଟୋର ଏବେବି ଉଲ୍ଲେଖନୀୟ ଭାବେ ପ୍ରଭାବ ବିସ୍ତାର କରି ରହିଛି । ୟୁନିକେଟ ସହିତ ସହଯୋଗିତା ସ୍ଥାପନ କରି ଦୋକାନୀମାନେ ସେମାନଙ୍କ ବ୍ୟବସାୟକୁ ବଢ଼ାଇପାରିବେ ଏବଂ ପ୍ରଯୁକ୍ତିକୁ ଆପଣେଇ ଆଧୁନିକ ହୋଇପାରିବ । ୟୁନିକେଟ ଆପ ମୋଟା ଅଙ୍କର ବରାଦ ଉପରେ ୪୫% ମାର୍ଜିନ ପ୍ରଦାନ କରୁଥିବା ବେଳେ ଗ୍ରାହକଙ୍କ ବରାଦ ଉପରେ ୧୫% କମିସନ ଦେଉଛି ।

## ସଚିବାଳୟ ସାମ୍ବାଦିକ ସଂଘର ପଲିଥିନ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର(ପିଏନ) : ଅଷ୍ଟ୍ରେଲିଆର ଏକ ସମାଜ ସେବୀ ସଂସ୍ଥା ଆନୁକୁଲ୍ୟରେ ଓଡ଼ିଶା ସଚିବାଳୟ ସାମ୍ବାଦିକ ସଂଘ ପକ୍ଷରୁ ପଲିଥିନ୍ ବର୍ଜନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ସହର ନିକଟବର୍ତ୍ତୀ ଅଂଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଖୋର୍ଦ୍ଧା ନିକଟବର୍ତ୍ତୀ ଅଂଚଳରେ ସଚିବାଳୟ ସାମ୍ବାଦିକ ସଂଘ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସାମ୍ବାଦିକ ବିନୋଦ ବିହାରୀ ନାୟକ ଏହାକୁ ପରିଚାଳନା କରିଥିଲେ । ଦୁଇ ଶହରୁ ଅଧିକ ବ୍ୟକ୍ତି ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଜନସଧାରଣଙ୍କୁ ପଲିଥିନ୍ ବ୍ୟବହାର ଦ୍ୱାରା ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଜନସଧାରଣଙ୍କୁ ପେପର୍ ବ୍ୟାଗ ବଣ୍ଟନ କରାଯାଇଥିଲା । ସଚିବାଳୟ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପରିଡ଼ା ଏବଂ ସଭାପତି ଜୀମୂତ ମଂଗରାଜ ଏହି ଜନସଚେତନତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

## ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୋଷଣ ଅଭିଯାନ ପାଳିତ



ଅନୁଗୋଳ,(ପିଏନ): ସାଉଥ ବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲୟରେ ଏକ ମାସ ଧରି ପୋଷଣ ଅଭିଯାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି ।ସେପ୍ଟେମ୍ବର ୧ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳିତ ଏହି କାର୍ଯ୍ୟକ୍ରମରେ ଆଲୋଚନାଚକ୍ର, ସ୍ୱଚ୍ଛତା କାର୍ଯ୍ୟକ୍ରମ, ସଚେନତତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଜାତିରପତି ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମ ଜୟନ୍ତୀ ଉତ୍ସବରେ ସ୍ୱଚ୍ଛ ଭାରତ ଏବଂ ସୁସ୍ଥ ଭାରତ ସଚେତନତା ରାଲି ସାଉଥ୍ ବଲଣ୍ଡା ବଜାରଏବଂ କଲୋନୀ ପରିକ୍ରମା କରିବା ସହିତ ଲୋକମାନଙ୍କୁ ସ୍ୱଚ୍ଛତା, ସୁସ୍ଥତା ତଥା କୁପୋଷଣର ପ୍ରଭାବ ସଂପର୍କରେ ସଚେତନ କରାଇଥିଲେ । ଜାତୀୟ ସେବା ଯୋଜନା ମହିଳା ଅଧିକାରିଣୀ ଶ୍ରୀମତୀ ଶୁଭଦର୍ଶନୀ ମହାପାତ୍ର, ପୁରୁଷ ବିଭାଗର ଅଧିକାରୀ ଦୀପକ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ସେବା ଯୋଜନା ଅଧିକାରୀ ମନୋରଂଜନ ପଳାଇ, ରେଡକ୍ରସ ଅଧିକାରୀ ସୁମନ୍ତ ମାଝୀ ଓ ଅନ୍ୟାନ୍ୟ ସମସ୍ତ ଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମାଷ୍ଟରକାର୍ଡ ଏବଂ ଏମ.ଏସ ଧୋନିଙ୍କ ମଧ୍ୟରେ ସହବନ୍ଧିତା

ଭୁବନେଶ୍ୱର : ମାଷ୍ଟରକାର୍ଡ ପକ୍ଷରୁ ମହାନ କ୍ରିକେଟର ମହେନ୍ଦ୍ର ସିଂହ ଧୋନିଙ୍କ ସହିତ ଆଜି ଦେଶବ୍ୟାପୀ ଡିଜିଟାଲ ପେମେଣ୍ଟର ପ୍ରସାର ପଦକ୍ଷେପର ଶୁଭାରମ୍ଭ କରାଯାଇଛି । ଏହାର ଶୀର୍ଷକ 'ଟିମ କ୍ୟାସଲେସ ଇଣ୍ଡିଆ' ରହିଥିବାବେଳେ ଏହି ପଦକ୍ଷେପ ଜରିଆରେ ଗ୍ରାହକ ଓ ବ୍ୟବସାୟୀମାନେ ଡିଜିଟାଲ ପେମେଣ୍ଟର ନିକଟତର ହୋଇପାରିବେ । ଏହି ଅଭିଯାନ ମାଧ୍ୟମରେ ସମସ୍ତ ଭାରତୀୟମାନଙ୍କୁ ଗୋଟିଏ ବା ଦୁଇଟି ବ୍ୟବସାୟରେ ମନୋନୀତ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ଯେଉଁମାନେ ବର୍ତ୍ତମାନ ଡିଜିଟାଲ ପେମେଣ୍ଟ ଗ୍ରହଣ କରୁ ନାହାନ୍ତି । ମାଷ୍ଟରକାର୍ଡ କନ୍‌ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି), ବ୍ୟାଙ୍କ ଓ ଫିନ୍‌ଟେକ୍ କମ୍ପାନୀ ସହିତ ମିଶି ଏହି ବ୍ୟବସାୟୀଙ୍କ ପ୍ରତିଷ୍ଠାନରେ ପେମେଣ୍ଟ ସ୍ଥାପନା କରିବାରେ ସହାୟତା କରିବେ ।ଏହି ପଦକ୍ଷେପ ଜରିଆରେ ଗ୍ରାହକମାନଙ୍କ ଦୈନନ୍ଦିନ କିଣାକିଣିରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଛି । 'ଟିମ କ୍ୟାସଲେସ ଇଣ୍ଡିଆ'ରେ ଅଂଶ ଗ୍ରହଣ କରିବା ପାଇଁ ଯେକେହି ଜଣେ ବ୍ୟବସାୟୀଙ୍କୁ ଅନଲାଇନରେ ମନୋନୀତ କରିପାରିବେ କିମ୍ବା ୯୦୧୬୮୬୧୦୦୦ ରେ ମିସ୍ଡ କଲ ଦେଇପାରିବେ । ଏହାକୁ ସଫଳ କରିବା ପାଇଁ ଡିଜିଟାଲ ପେମେଣ୍ଟ ଭିତ୍ତିଭୂମିର ସୁଦୃଢ଼ିକରଣ ହେବା ଆବଶ୍ୟକ ଓ ଏଥିପାଇଁ ଭାରତର ୨୫-୩୦ ମିଲିୟନ ଗ୍ରହଣ ସ୍ଥାନ ୨୦୨୧ ଶେଷ ସୁଦ୍ଧା ଆବଷ୍ୟକତା ରହିଛି ।

ଏହି ଅବସରରେ ଧୋନି କହିଛନ୍ତି ଯେ, "ଏକ ଛୋଟ ସହରରେ ବଢିଥିବାରୁ ଡିଜିଟାଲ ଭିତ୍ତିଭୂମିରେ ଥିବା ଆହ୍ୱାନଗୁଡ଼ିକୁ ମୁଁ ଅନୁଭବ କରିଛି । ମୁଁ ମାଷ୍ଟରକାର୍ଡର ଏହି ପ୍ରତିଶ୍ରୁତିବଦ୍ଧତା ପାଇଁ ବହୁତ ଆନନ୍ଦିତ ଯେଉଁଥିରେ ସମସ୍ତେ ନିରାପଦ, ସୁରକ୍ଷିତ ଓ ସିମ୍‌ଲେସ ଡିଜିଟାଲ ପେମେଣ୍ଟର ସୁବିଧା ପାଇପାରିବେ । " ସେହିଭଳି ପ୍ରବୀଣ ଖଣ୍ଡେଲୱାଲ, ନ୍ୟାସନାଲ ସେକ୍ରେଟାରୀ ଜେନେରାଲ କହିଛନ୍ତି ଯେ, "ବ୍ୟବସାୟୀ ଓ ଟ୍ରେଡରମାନଙ୍କ ପାଇଁ ସିଏଆଇଟି ହେଉଛି ଏକ ଜାତୀୟ ସ୍ୱର । ଆମେ ମାଷ୍ଟରକାର୍ଡର ଏହି ପଦକ୍ଷେପରେ ଏକ ଅଂକ ହୋଇଥିବାରୁ ବହୁତ ଆନନ୍ଦିତ, ଯାହାଦ୍ୱାରା ବ୍ୟବସାୟୀମାନେ ଡିଜିଟାଲ ପେମେଣ୍ଟର ସୁବିଧା ବିଷୟରେ ଅବଗତ ହୋଇପାରିବେ ।"ମନିଷ ପଟେଲ, ସିଇଓ ଓ ପ୍ରତିଷ୍ଠାତା, ଏମସ୍ୱାଇପ କହିଛନ୍ତି ଯେ, "ଭାରତରେ କ୍ୟାସଲେସ ବ୍ୟବସାୟରେ ଉନ୍ନତି ଆଣିବା ହେଉଛି ଏମ୍‌ସ୍ୱାଇପର ପ୍ରମୁଖ ଲକ୍ଷ୍ୟ ଓ ମାଷ୍ଟରକାର୍ଡ ସହିତ ସହବନ୍ଧନ ସ୍ଥାପନା କରି ମାର୍ଚ୍ଚ ୨୦୧୯ରେ ୪୦୦ କେ ପଏଣ୍ଟ ଗ୍ରହଣୀୟତାରୁ ଆମେ ଆଜି ଏହାକୁ ୧ ମିଲିୟନ ପଏଣ୍ଟରେ ପହଞ୍ଚାଇ ପାରିଛୁ । "ଏହି ପଦକ୍ଷେପ ସଂପର୍କରେ ସୂଚନା ଦେଇ, ଆରି ସରକାର, କୋ-ପ୍ରେସିଡେଣ୍ଟ, ଏସିଆ ପାସିଫିକ, ମାଷ୍ଟର କାର୍ଡ କହିଛନ୍ତି ଯେ, "ଗତ କିଛି ବର୍ଷ ଧରି ମାଷ୍ଟରକାର୍ଡ କ୍ରମାଗତ ଭାବରେ ନିବେଶ କରୁଛି ଓ ବ୍ୟବସାୟୀଙ୍କ ମଧ୍ୟରେ ଡିଜିଟାଲ ପେମେଣ୍ଟକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି ବିଶେଷ କରି ଟାୟାର ୨ ଓ ଟାୟାର ୩ ସହରମାନଙ୍କରେ, ଯେହେତୁ ସେମାନେ ଭାରତର ଅର୍ଥନୀତିର ବିକାଶର ମୂଖ୍ୟ ଚାଳକ ଅଟନ୍ତି ।"

## ସାଧାରଣ ଜନତାଙ୍କ ଅସାଧାରଣ କାର୍ଯ୍ୟ: ସାମାଜିକ କର୍ମୀ ଶ୍ରୀ ଗୋଲକନାଥ ବେହେରା-ଏକ ଆଦର୍ଶ ବ୍ୟକ୍ତିତ୍ୱ

**ଲୋକନାଥ ପଣ୍ଡା**

ସାମାଜିକ କର୍ମୀ ଶ୍ରୀ ଗୋଲକନାଥ ବେହେରା, ବୟସ ୮୦ ଛୁଇଁଲାଣି । ବର୍ତ୍ତମାନ ମଧ୍ୟ ଚଳଚଂଚଳ । ବର୍ତ୍ତମାନ ରାୟଗଡ଼ ଜିଲ୍ଲାର ଗୁଣୁପୁର ସବ୍-ଡିଭିଜନ ଆର୍ନ୍ତଗତ କୁଜେନ୍ଦ୍ର ଗ୍ରାମରେ ବାସ କରି ଆସୁଛନ୍ତି । ପରିଣତ ବୟସ ତାଙ୍କ କାର୍ଯ୍ୟରେ ବାଧା ଦେଇନାହିଁ । ମାଳତୀ ଚୌଧୁରୀ, ମା ରମା ଦେବୀ, ବିଶ୍ୱନାଥ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ମହାରଣା ଏବଂ ଶରତ୍ ଚନ୍ଦ୍ର ମହାରଣାଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ପରିଣତ ବୟସରେ ମଧ୍ୟ ବର୍ତ୍ତମାନ ଗାନ୍ଧୀ ବିଚାରଧାରା, ସର୍ବୋଦୟ ସମିତିର କାର୍ଯ୍ୟଧାରା, ସାମାଜିକ କାର୍ଯ୍ୟ, ସତ୍‌ସଙ୍ଗ, ଶିଶୁ ଶିକ୍ଷା ଓ ଶିକ୍ଷାଦାନ, ହୋମିଓପାଥି ଦ୍ୱାରା ଜନସାଧାରଣଙ୍କ ଚିକିତ୍ସା , ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରି ନିଜକୁ ସକ୍ରୀୟ ରଖିବା, ଯୁବ ସମାଜକୁ ଅନୁପ୍ରାଣିତ କରିବା ସହିତ ସମାଜର ବିକାଶରେ କାର୍ଯ୍ୟରତ ଅଛନ୍ତି ।

ଶ୍ରୀ ଗୋଲକନାଥ ନିଜର ବାଲ୍ୟ ବିଷୟ ସମ୍ପର୍କରେ କହନ୍ତି ଯେ, ଯାଜପୁର ଜିଲ୍ଲାର ବଡ଼ଚଣା ପଂଚାୟତର ପୁରୁଷୋତ୍ତମପୁର ଗ୍ରାମରେ । ଜନ୍ମ ଅପ୍ରେଲ ୧ ତାରିଖ, ୧୯୪୧ ( ଓଡ଼ିଶା ପ୍ରଦେଶର ଜନ୍ମତିଥିରେ) । ପିତାଥିଲେ ସହର ବେହେରା ଏବଂ ମାତା ଥିଲେ ସାକ୍ଷୀ ବେହେରା । ଶିଶୁଟି ଦିନରୁ ପିତାଙ୍କୁ ହରାଇଥିଲେ । ସପ୍ତମ ଶ୍ରେଣୀ ପଢ଼ିବା ପରେ କିଛି ବର୍ଷ ରୋଜଗାର ଉଦ୍ଦେଶ୍ୟରେ କୋଲକତାର ଯାଇ ଶ୍ରମିକ ଭାବରେ କାମ କଲେ । କିଛି ବର୍ଷ ସେଠାରେ କାମ କରିବା ପରେ ଫେରିଲେ ନିଜ ଗ୍ରାମକୁ । ସେ ସମୟରେ କୋରାପୁଟର ଜଗନ୍ନାଥ ଦାସ ଜିଲ୍ଲାପାଳ ଥାଆନ୍ତି । ଯୁବକମାନଙ୍କୁ ଆଦିବାସୀ ଅଂଚଳରେ କାମ କରିବା ପାଇଁ ପ୍ରୋତ୍ସାହିତ କରୁଥାଆନ୍ତି । ୧୯୬୧ ମସିହାରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଦିବାସୀଙ୍କ ବିକାଶ ନିମନ୍ତେ ଆଶ୍ରମ ସ୍କୁଲ ଖୋଲା ହେଉଥାଏ ଏବଂ ଆଦିବାସୀ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ସରକାର ନେଇଥାଆନ୍ତି । ଏଥିସହିତ ସର୍ବୋଦୟ ସମାଜ, ଭୂଦାନ ଏବଂ ଖାଦୀ ବୋର୍ଡ଼ ତରଫରୁ ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ଶ୍ରୀ ଗୋଲକନାଥ ଭୂଦାନ ଏବଂ ଖଦୀ ବୋର୍ଡ଼ କାର୍ଯ୍ୟରେ ଅବିଭକ୍ତ କୋରାପୁଟ ଗଲେ । ଏଥିସହିତ ଯୁବକଙ୍କୁ ଆଦିବାସୀଙ୍କ ବିକାଶ ନିମନ୍ତେ ବ୍ଲକ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ଶ୍ରୀ ଗୋଲକନାଥ ବେହେରା ସୁଯୋଗ ପାଆନ୍ତି ସେବକ ଭାବରେ ନିଜକୁ ଜନସେବା କରିବା ପାଇଁ । ସିଧାସଳଖ ତାଙ୍କୁ ବଣ୍ଡା ଘାଟିର ମୁଦୁଲିପଡ଼ାରେ କାମ କରିବାକୁ ସୁଯୋଗ ମିଳେ । ଭୁଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ଶ୍ରୀ ଗୋଲକନାଥ ବେହେରା ବିଶିଷ୍ଟ ବ୍ୟକ୍ତି ତଥା ମାଳତୀ ଚୌଧୁରୀ, ରମା ଦେବୀ, ଶରତ ଚନ୍ଦ୍ର ମହାରଣା, ଅନ୍ନପୂର୍ଣ୍ଣା ମହାରଣାଙ୍କ ଭଳି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ କର୍ମୀଙ୍କ ସମ୍ପର୍କରେ ଆସନ୍ତି ଏବଂ ପ୍ରଭାବିତ ହୁଅନ୍ତି ।

ବଣ୍ଡାଘାଟିରେ ଆଦିବାସୀ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀଙ୍କ ସର୍ବାଙ୍ଗିନ ବିକାଶ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରନ୍ତି । ସେଠାରେ ରହନ୍ତି, ସେହି ଅଂଚଳକୁ ଭଲ ପାଆନ୍ତି, ସେହି ଅଂଚଳର ଲୋକଙ୍କ ଭଲ ପାହାନ୍ତି । ଫଳରେ ସେହି ଅଂଚଳର ଲୋକଙ୍କ ସହିତ ଅତରଙ୍ଗ ଭାବରେ ମିଶନ୍ତି । ସେମାନଙ୍କର ଜୀବନୀ ସହିତ ନିଜର ଜୀବନକୁ ମଧ୍ୟ ଖାପ ଖୁଆଇଥାଆନ୍ତି ।

ଇତି ମଧ୍ୟରେ ସର୍ବଦୋୟ ସେବା ସମିତି ତରଫରୁ ଖଇରପୁଟଠାରେ ଆଶ୍ରମ ଥାଏ । ସେଠାରେ ରହି ଗାନ୍ଧୀ ବିଚାରରେ ସର୍ବୋଦୟ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକସେବା ଚାଲୁଥାଏ । ଏହି ସମୟରେ ବିଶ୍ୱନାଥ ପଟ୍ଟନାୟକଙ୍କ ସହିତ ଗୋଲକନାଥଙ୍କ ଭେଟ ହୁଏ । ବିଶ୍ୱନାଥ ପଟ୍ଟନାୟକଙ୍କ କାର୍ଯ୍ୟଧାରାରେ ବେଶ୍ ଅନୁପ୍ରାଣିତ ହୁଅନ୍ତି ।

କୁଜେନ୍ଦ୍ରୀ ଗ୍ରାମର ଝିଅ ଲକ୍ଷ୍ମୀ ଶବର । ଲକ୍ଷ୍ମୀ ଶବର ମାଳତୀ ଚୌଧୁରୀଙ୍କ ଦ୍ୱାରା ପରିଚାଳିତ ବାଜିରାଉତ ଛାତ୍ରାବାସରେ ରହି ଶିକ୍ଷାଦୀକ୍ଷା ପାଇଥିଲେ । ସେଠାରେ ରହି ଆଶ୍ରମ ରହଣି, ମହିଳାଙ୍କ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ମାଳତୀ ଦେବୀ, ରାମଦେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଇଥିଲେ । ଏହାପରେ ଆସି ମାଲକାନଗିରି ଅଂଚଳର ଖଇରପୁଟ ବ୍ଲକରେ ଥିବା କଦମଗୁଡ଼ା ମାତୃମଙ୍ଗଳ କେନ୍ଦ୍ର ରହି ଆଦିବାସୀ ମହିଳାଙ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିଲେ । ବିଶ୍ୱନାଥ ପଟ୍ଟନାୟକଙ୍କ ଅନୁପ୍ରାଣୀତରେ ସେ ଆଦିବାସୀ ଅଂଚଳରେ ରହି ଦିନରାତି ଆଦିବାସୀ ମହିଳାଙ୍କ ସ୍ୱାସ୍ଥ୍ୟସେବା, ଆଦିବାସୀ ମାଆମାନଙ୍କର ଶିଶୁ ଯତ୍ନ କରିବା ବା ପ୍ରସବ ସମୟରେ ଯାଇ ଠିଆ ହୋଇ ପ୍ରସବ କରାଇଲେ । ମାଆମାନଙ୍କର ସେ ବେଶ୍ ଲୋକପ୍ରୀୟ ହୋଇପାରିଲେ ।

ଇତି ମଧ୍ୟରେ ଗୋଲକନାଥ ଓ ଲକ୍ଷ୍ମୀ ଶବରଙ୍କ ମଧ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକ ମଧ୍ୟସ୍ଥତାରେ ବାହାଘର ହୁଏ । ପରେ ଉଭୟ ସ୍ୱାମୀ, ଓ ସ୍ତ୍ରୀ ମିଳିତ ଭାବରେ ମୁଦୁଲିପଡ଼ା ଅଂଚଳରେ ଆଦିବାସୀଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସେବା ଯୋଗାଇ ଦିଅନ୍ତି ।

ଖଇରପୁଟରେ ଥିବା ଆଦିବାସୀଙ୍କ ସେବା କାର୍ଯ୍ୟରେ ସାମିଲ ଥିବା ବେଳେ ବଙ୍ଗାଳୀ ଡାକ୍ତର ଭୋଳାନାଥ ଚୌଧୁରୀଙ୍କ ସହ ଗୋଲକନାଥଙ୍କ ପରିଚୟ ହୁଏ । ଶ୍ରୀ ଭୋଳାନାଥ ଚୌଧୁରୀ ସେ ସମୟରେ ବିଭିନ୍ନ ଗ୍ରାମ ଗ୍ରାମ ବୁଲି ଔଷଧ ବାଣ୍ଟିବା ଏବଂ ରୋଗୀ ଚିକିତ୍ସା କରୁଥିଲେ । ଖଇରପୁଟ ଅଂଚଳ ଛାଡ଼ିବା ପୂର୍ବରୁ ହୋମିଓପାଥିର ଏକ ପୁସ୍ତକ (ବଙ୍ଗଳାରେ ଲିଖିତ) ଏବଂ ହୋମିଓପାଥୀ ଔଷଧ ପେଟି ଗୋଟିଏ ଦିଅନ୍ତି । ହୋମିଓପାଥି ଜାଣି ସେହି ଅଂଚଳର ସେବା ଯୋଗାଇଦେବା ପାଇଁ କୁହନ୍ତି । ଗୋଲକନାଥ ନିଜ ପ୍ରୟାସରେ ବଙ୍ଗାଳୀ ଶିଖି, ପୁସ୍ତକ ପଢ଼ି, ହୋମିଓପାଥି ଔଷଧ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି । ଗୋଲକନାଥଙ୍କ ପ୍ରଥମ ଗୁରୁତ୍ୱ ଦିଅନ୍ତି ଆଶ୍ରମ ସ୍କୁଲରେ ପଢୁଥିବା ଶିଶୁ ଏବଂ ମହିଳା । ନିଜେ ସ୍ୱାମୀ ସ୍ତ୍ରୀ ମିଶି ଆଦିବାସୀ ମହିଳା କିପରି ସୁବିଧାରେ ପ୍ରସବ ବା ଛୁଆ ଜନ୍ମ କରିବା ବେଳେ ଅସୁବିଧା ନହୁଏ, ସେଥିପାଇଁ ଔଷଧ ଦିଅନ୍ତି ଏବଂ ପ୍ରସବ କରାନ୍ତି । ଗୋଲକନାଥ ଆଶ୍ରମରେ ଶିକ୍ଷାଦାନ ସହିତ ଶିଶୁଙ୍କ ବିଭିନ୍ନ ରୋଗର ପ୍ରାଥମିକ ଚିକିତ୍ସା ଯୋଗାଇ ଦିଅନ୍ତି । ଏଥିସହିତ ଆଦିବାସୀଙ୍କ ଭାଷା ଶିଖି ଆଦିବାସୀଙ୍କ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥାଆନ୍ତି । ସରକାର ଗୋଲକନାଥଙ୍କୁ ମୁଦୁଲିପଡ଼ା ପଂଚାୟତର ସଂପାଦକ ଭାବରେ କିଛି ବର୍ଷ ନିଯୁକ୍ତି ଦେଇଥିଲେ । ସେହି ସମୟରେ ସେ ଆଦିବାସୀଙ୍କ ହୃଦୟ ଜିତି, ଆଦିବାସୀଙ୍କ ଶିଶୁଙ୍କୁ ଘରୁ ଆଣି ଆଶ୍ରମ ବିଦ୍ୟାଳୟରେ ଭର୍ତ୍ତି କରାଇଲେ । ଏହା ପରବର୍ତ୍ତୀ ସମୟରେ ମାଲକାନଗିରି ଅଂଚଳରେ ଅନେକ ଆଶ୍ରମ ସ୍କୁଲ ଖୋଲିବାରେ ଲାଗିଲା । ଅନେକ କ୍ଷେତ୍ରରେ ଶ୍ରୀ ଗୋଲକନାଥ ବିଭିନ୍ନ ଆଶ୍ରମ ସ୍କୁଲ କରିବା ବେଳେ ପ୍ରଥମ ଶିକ୍ଷକ ଭାବରେ ଯୋଗ ଦେଇଛନ୍ତି ଏବଂ ବିଦ୍ୟାଳୟଙ୍କୁ ଶିଶୁଙ୍କୁ ଆକର୍ଷିତ କରିବା, ଆଶ୍ରମରେ ରହିବା, ଶିଶୁଙ୍କୁ ଉପଯୁକ୍ତ ସ୍ୱଚ୍ଛତା କିପରି ରହିବେ, ସେ ଦିଗରେ ସ୍ୱାମୀ ସ୍ତ୍ରୀ ମିଶି ସେବା ଯୋଗାଇ ଦେଇଛନ୍ତି । ଗୋଲକନାଥ ନାଚ,ଗୀତ, ଖେଳ ଏବଂ ନିଜ ମାତୃଭାଷା ମାଧ୍ୟମରେ ଶିଶୁମାନେ କିପରି ଆକର୍ଷିତ ହୋଇପାରିବେ, ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଏଥିସହିତ ଯେଉଁ ଅଂଚଳକୁ ଯାଉଥିଲେ, ସତସଙ୍ଗ କରାଉଥିଲେ । ଆଦର୍ଶ ଜୀବନଚର୍ଯ୍ୟା ସମ୍ପର୍କରେ ବୁଝାଉଥିଲେ । ସେବକ ଭାବରେ କାର୍ଯ୍ୟରତ ଥିବାରୁ ଏକ ସରକାରଙ୍କର ଲୋକ କଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ ଥିବାରୁ ଆଦିବାସୀମାନେ ସହଜରେ ଶ୍ରୀ ଗୋଲକନାଥଙ୍କୁ ଗ୍ରହଣ କରିପାରିଥିଲେ

ସର୍ବୋଦୟ ସମିତିର କାର୍ଯ୍ୟକ୍ରମରେ ବିଶ୍ୱନାଥ ପଟ୍ଟନାୟକ ତଥା କୋରାପୁଟିଆ ଗାନ୍ଧୀ ଭାବରେ ପରିଚିତ ବାରମ୍ବାର ମୁଦୁଲିପଡ଼ା ଯାଉଥିଲେ । ସେଠାରେ ଗୋ'ମାଂସ ଭକ୍ଷଣ ବନ୍ଦ କରିବା, ସେହି ଅଂଚଳ ମଦମୁକ୍ତ ହେବା, ସଫାସୁତୁରା ରହିବା ଇତ୍ୟାଦିକୁ ଗୁରୁତ୍ୱ ଦେଉଥିଲେ । ବିଶ୍ୱନାଥ ଆଜ୍ଞା ଯେଉଁ ଗ୍ରାମକୁ ଯାଉଥିଲେ, ସେହି ଗ୍ରାମର ସଫାଇ କରୁଥିଲେ । ଅନାଥ ଶିଶୁଙ୍କୁ ନେଇ ଆଶ୍ରମ ସ୍କୁଲରେ ଛାଡୁଥିଲେ । ଶ୍ରୀ ଗୋଲକନାଥ ଆଦିବାସୀ ଶିଶୁଙ୍କର ନିଜେ ଚୁଟି କାଟିବା, ସେମାନଙ୍କୁ ସଫାସୁତୁରା କରିବା, ସେମାନଙ୍କର ଭାଷାରେ କଥାବାର୍ତ୍ତା ହୋଇ ବିଶ୍ୱାସ ଜନ୍ମାଇବା ଆଦିକୁ ଗୁରୁତ୍ୱ ଦେଇଥିଲେ ।

ବର୍ତ୍ତମାନ ଶ୍ରୀ ଗୋଲକନାଥଙ୍କୁ ୮୦ ଛୁଁଇଲାଣି । ଗାନ୍ଧୀ ଦର୍ଶନରେ ବିଶ୍ୱାସ ରଖିଥିବା ଏବଂ ବିଶ୍ୱନାଥ ପଟ୍ଟନାୟକଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଏହି ବ୍ୟକ୍ତିତ୍ୱ ବର୍ତ୍ତମାନ ସାମାଜିକ କାର୍ଯ୍ୟ, ସଭାସମିତି, ସତ୍‌ସଙ୍ଗ କରିବା, ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି । କୁଜେନ୍ଦ୍ରୀ ଗ୍ରାମକୁ ସଦ୍‌ଭାବନା ରଥ ହେଉ, କିମ୍ବା ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ହେଉ, ସର୍ବୋଦୟ ଯାତ୍ରା ହେଉ କିମ୍ବା ସର୍ବଧର୍ମ ପ୍ରାର୍ଥନା ହେଉ, ବାଇରୁ ଗମାଙ୍ଗଙ୍କ ଶ୍ରାଦ୍ଧ ଦିବସ ହେଉ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନା ହେଉ, ଯେକୌଣସି କ୍ଷେତ୍ରରେ ବର୍ତ୍ତମାନ ମଧ୍ୟ ଶ୍ରୀ ଗୋଲକନାଥ ବେହେରାକୁ ଖୋଜା ପଡ଼େ ଏବଂ ସେ ନିଜ ଏହି ସବୁ କାର୍ଯ୍ୟରେ ବାହାରନ୍ତି । ଏଥିସହିତ ଯୁବସମାଜ, ବୟଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ସତ୍‌ସଙ୍ଗ ଯୋଗାଇଦେବା, ମନ୍ଦିର ପରିଚାଳନା, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ କିପରି ସାମିଲି ହେବା ସହିତ ଯୁବ ସମାଜକୁ ଦିଗ୍‌ଦର୍ଶନ ଦେବା ଦିଗରେ ବ୍ରତି ଅଛନ୍ତି । ଆବଶ୍ୟକ ହେଲେ ବର୍ତ୍ତମାନ ମଧ୍ୟ ହୋମିଓପାଥି ଔଷଧ ଗ୍ରାମବାସୀଙ୍କୁ ଦେଉଛନ୍ତି । ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରେରଣା ନେଇ ନିଜେ କର୍ମ କରୁଛନ୍ତି ଏବଂ ସମାଜ ବ୍ରତୀରେ ଅଛନ୍ତି । ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ବିଭିନ୍ନ ସମୟରେ ସମ୍ମାନିତ ହୋଇଛନ୍ତି ।

ଗୋଲକନାଥଙ୍କ ସ୍ତ୍ରୀ ହେଉଛନ୍ତି ଲକ୍ଷ୍ମୀ ଶବର । ଲକ୍ଷ୍ମୀଙ୍କ ଗ୍ରାମ ହେଉଛି କୁଜେନ୍ଦ୍ରୀ । କୁଜେନ୍ଦ୍ରୀ ହେଉଛି ଓଡ଼ିଶାର ସର୍ବୋଦୟ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମ ତଥା ବିଶ୍ୱନାଥ ପଟ୍ଟନାୟକ ଓ ବାଇରୁ ଗମାଙ୍ଗ ନିମନ୍ତେ ସବୁବେଳେ ଚର୍ଚ୍ଚାରେ ରହିଛି । ଶ୍ରୀ ଗୋଲକନାଥ ମଧ୍ୟ ଏହି ଅଂଚଳରେ ରହି, ଏହି ମାଟିର ସେବାରେ ଲାଗିଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ସହିତ ଅନ୍ୟମାନଙ୍କୁ ଉତ୍ସାହିତ କରୁଛନ୍ତି ।

ଗୋଲକନାଥଙ୍କ ଉତ୍ସାହ ବର୍ତ୍ତମାନ ମଧ୍ୟ ରହିଛି । ସେହି ଉତ୍ସାହର ଅଙ୍କୁରୋଦମ ହୋଇଥିଲା ସର୍ବୋଦୟ ସମାଜ ତଥା ଗାନ୍ଧୀବାଦୀ ବ୍ୟକ୍ତିତ୍ୱଙ୍କ ସହ ମିଶିବା ହେତୁ ବୋଲି ଗୋଲକନାଥ କହନ୍ତି । ବର୍ତ୍ତମାନ ମଧ୍ୟ ସାମାଜିକ କାର୍ଯ୍ୟକ୍ରମରେ ସେ ବେଶ୍ ସକ୍ରୀୟ । ତାଙ୍କ ମତରେ ସମାଜ ପାଇଁ ଅନେକ କିଛି କରିବାର ବାକି ରହିଛି ।

ଏଲ୍-୪୨୫, ହାଉସିଂ ବୋର୍ଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର
ଦୂରଭାଷ: ୯୪୩୮୦୮୧୪୩୦
lokanath07@gmail.com

## ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ପକ୍ଷରୁ ପେଟିଏମ୍ ପେମେଂଟ୍ ବ୍ୟାଙ୍କ ସହଯୋଗରେ ଡିଜିଟାଲ ବ୍ୟାଙ୍କ ସେବାର ଶୁଭାରମ୍ଭ

ଭୁବନେଶ୍ୱର: ଦେଶର ଅଗ୍ରଣୀ ଏନବିଏଫସି-ଏମଏଫଆଇ ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ପକ୍ଷରୁ ପେଟିଏମ୍ ପେମେଂଟ୍ ବ୍ୟାଙ୍କ ଲିମିଟେଡ୍ ସହଯୋଗରେ ଏହାର ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କ ନିମନ୍ତେ ଡିଜିଟାଲ୍ ବ୍ୟାଙ୍କିଙ୍ଗ ସେବାର ଶୁଭାରମ୍ଭ କରାଯାଇଛି । ମାଇକ୍ରୋଫାଇନାନ୍ସ ଶିଳ୍ପରେ ଏଭଳି ଧରଣର ଅଭିଯାନ ଜରିଆରେ ବ୍ୟାଙ୍କ ସେବାରୁ ବଂଚିତ ଅଂଚଳର ମହିଳାମାନଙ୍କୁ ପେଟିଏମ୍ ପେମେଂଟ୍ ବ୍ୟାଙ୍କରେ ଖାତା ଖୋଲିବା, ଏକ ଡେବିଟ୍ କାର୍ଡ ହାସଲ କରିବା ଏବଂ ଦିନବେଳା ଯେକୌଣସି ସମୟରେ ତାହାକୁ ବ୍ୟବହାର କରି ପେମେଂଟ୍ ବ୍ୟାଙ୍କର ବିଜନେସ୍ କରେସପଣ୍ଡେନ୍‌ଟଙ୍କ ଆଉଟଲେଟ୍‌ରେ ଟଙ୍କା ଉଠାଇବାର ସୁବିଧା ପ୍ରଦାନ କରାଯାଉଛି । ଉତର ପ୍ରଦେଶର ଗାଜିଆବାଦ ଠାରୁ ଆରୋହଣ ଏହି ସେବା ଆରମ୍ଭ କରିଛି ।

ଭାରତର ୧୦ଟି ରାଜ୍ୟରେ କାରବାର କରୁଥିବା ଆରୋହଣର ୨.୧ ନିୟୁତ ଗ୍ରାହକ ଅଛନ୍ତି । ସେମାନଙ୍କ ମଧ୍ୟରୁ ୯୬% ହେଉଛନ୍ତି ମହିଳା । ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ସେବା ଓ ଉତ୍ପାଦ ଜରିଆରେ ଗ୍ରାମୀଣ ଅଂଚଳର ଏହି ଗରିବମାନଙ୍କ ଆର୍ଥିକ ଆବଶ୍ୟକତାକୁ ଆରୋହଣ ପୂରଣ କରୁଛି । ଗ୍ରାହକମାନଙ୍କୁ ଏକ ସୁରକ୍ଷିତ, ନିରାପଦ ଏବଂ ସହଜ କାରବାର ଆଗକୁ ଅଗ୍ରସର କରାଇବା ଦିଗରେ ଏହା ହେଉଛି ଆରୋହଣର ଏକ ବୈପ୍ଳବିକ ପଦକ୍ଷେପ ଯେଉଁଥିରେ କମ୍ ନଗଦ ଟଙ୍କା ଦରକାର ହେଉଛି ଏବଂ ଗ୍ରାହକ ନିଜର ଟଙ୍କାକୁ ନିରୀକ୍ଷଣ ଓ ପରିଚାଳନା କରିପାରୁଛନ୍ତି । ଏହି ସେବାକୁ ନିଜର ସମସ୍ତ ଗ୍ରାହକଙ୍କ ପାଖରେ ପହଂଚାଇବାକୁ ଆରୋହଣ ଲକ୍ଷ୍ୟ ରଖିଛି ।

ଶ୍ରୀଯୁକ୍ତ ମନୋଜ କୁମାର ନାମ୍ବିଆର, ପରିଚାଳନା ନିର୍ଦ୍ଦେଶକ, ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ କହିଛନ୍ତି ଯେ, "ବର୍ଷକ ତଳକୁ ଆମେ କାଗଜବିହୀନ ଭାବେ କିଛି କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏକ ଦାୟିତ୍ୱବାନ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସଂସ୍ଥା ଭାବେ ଆମେ ଏଭଳି ଭାବେ କାରବାର କରିବାକୁ ଚାହୁଁଛୁ ଯାହା ଜରିଆରେ ଗ୍ରାହକମାନଙ୍କ ଜୀବନକୁ ପ୍ରଭାବିତ କରିପାରିବୁ ଏବଂ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବାରେ ସହାୟତା ପ୍ରଦାନ କରିପାରିବୁ । ପେଟିଏମ୍ ପେମେଂଟ୍ ବ୍ୟାଙ୍କ ସହିତ ଆମର ଏହି ସହଯୋଗିତା ଜରିଆରେ ଆମେ ଆମର ଗ୍ରାହକଙ୍କୁ ଡିଜିଟାଲ୍ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଆଣିପାରିଛୁ । ଏମଏଫଆଇ ଶିଳ୍ପ ନିୟୁତାଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି ଏବଂ ସେଥିମଧ୍ୟରୁ ସିଂହ ଭାଗ କାରବାର ପେମେଂଟ୍ ଜରିଆରେ ହେଉଛି ।''ଶ୍ରୀଯୁକ୍ତ ସତୀଶ କୁମାର ଗୁପ୍ତା, ସିଇଓ, ପେଟିଏମ୍ ପେମେଂଟ୍ ବ୍ୟାଙ୍କ କହିଛନ୍ତି ଯେ, "ମୁଖ୍ୟସ୍ରୋତର ବ୍ୟାଙ୍କ ସେବାରେ ବ୍ୟାଙ୍କ ପହଂଚିନଥିବା କିମ୍ବା କମ୍ ବ୍ୟାଙ୍କ ଥିବା ଅଂଚଳର ଗ୍ରାହକଙ୍କୁ ସାମିଲ କରିବାର ନିରନ୍ତର ଉଦ୍ୟମ ସ୍ୱରୂପ ଆମେ ଆରୋହଣ ସହ ଯେଉଁ ସହଯୋଗିତା ସ୍ଥାପନ କରିଛୁ ତାହା ଦେଶର ପୂର୍ବ, ଉତର ପୂର୍ବ ଏବଂ କେନ୍ଦ୍ରୀୟ ଅଂଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଉନ୍ନତି ଆଣିବାରେ ଆମ ଉଦ୍ୟମକୁ ବଢ଼ାଇବ । ଆମେ ଏମ୍‌ଏଫ୍‌ଆଇ ଗ୍ରାହକଙ୍କୁ ତୁରନ୍ତ ଡେବିଟ କାର୍ଡ ଏବଂ ସଂଚୟ ଖାତା ଖୋଲିବା ସୁବିଧା ସେମାନଙ୍କର ବିଶ୍ୱାସର ନିକଟତମ ଦୋକାନରେ ପ୍ରଦାନ କରୁଛୁ । ଏବେ ଲୋକମାନେ ନିଜ ଋଣକୁ ତତ୍କାଳ ସଂଚୟ ଖାତାରେ ପାଇପାରିବେ ଏବଂ ନିକଟସ୍ଥ କିରାନା ଦୋକାନରେ ବ୍ୟାଙ୍କ କାରବାର କରିପାରିବେ ଏବଂ ଡେବିଟ୍ କାର୍ଡ ଜରିଆରେ ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ ।''

## ଏସିସିର ଚଳିତ ବର୍ଷ ତୃତୀୟ ତ୍ରୟମାସିକରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର : ଗତବର୍ଷ ତୁଳନାରେ ଚଳିତ ବର୍ଷର ତୃତୀୟ ତ୍ରୟମାସିକ(ଜୁଲାଇ-ସେପ୍ଟେମ୍ବର)ରେ ଏସିସି ସିମେଣ୍ଟ ପକ୍ଷରୁ ଭଲ ଆର୍ଥିକ ପ୍ରଦର୍ଶନ ରହିଛି । ଗତ ବର୍ଷ ସମାନ ସମୟରେ କମ୍ପାନୀର ମୋଟ ବିକ୍ରୟ ୩୪୬୪ କୋଟି ରହିଥିବାବେଳେ ଚଳିତ ବର୍ଷ ଏହି ସମୟରେ ସମୁଦାୟ ବିକ୍ରୟ ୩% ବୃଦ୍ଧିହୋଇ ୩୩୬୪ କୋଟିରେ ପହଞ୍ଚିଛି । ଚଳିତ ତ୍ରୟମାସିକ ପାଇଁ ଅପରେଟିଂ ଇବିଆଇଡିଟିଏ ବର୍ଷାନୁକ୍ରମେ ୨୬%ର ଦୃଢ଼ ଅଭିବୃଦ୍ଧି ସହ ୫୫୭ କୋଟିରେ ପହଞ୍ଚିଛି । ସପ୍ଲାଇ ଚେନ୍ ଦକ୍ଷତା ପ୍ରୋତ୍ସାହନରେ କଞ୍ଚାମାଲ ଗୁଡ଼ିକର ଇନପୁଟ୍ କଷ୍ଟ ବର୍ଷକୁ ବର୍ଷ ହ୍ରାସ ପାଇଛି । ଏନର୍ଜି ମୂଲ୍ୟ ସମେତ ବିକ୍ରୟ, ପ୍ରମୁଖ ଏବଂ ପ୍ରଶାସନୀୟ ଖର୍ଚ୍ଚ (ଏସଜି ଏବଂ ଏ) ବର୍ଷାନୁକ୍ରମେ ହ୍ରାସ ପାଇଛି । ଏହାବ୍ୟତୀତ ଟ୍ୟାକ୍ସ ପରେ ଲାଭରେ ୪୫% ପର୍ଯ୍ୟନ୍ତ ଅଭିବୃଦ୍ଧି ସହ ବାର୍ଷିକ ବିକ୍ରୟରେ ୩% ଅଭିବୃଦ୍ଧି ହୋଇପାରିଛି ।

କମ୍ପାନୀର ରେଡି ମିକ୍ସ କଙ୍କ୍ରିଟ ବିଜିନେସ ୧୦%ର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରି ଆଗରେ ରହିଛି । ଭଲ୍ୟୁମ ଅଫ ଭ୍ୟାଲୁ ଆଡେ଼ଡ୍ ସମାଧାନ ( ଭିଏଏସ) ୨୦୧୯ ତୃତୀୟ ତ୍ରୟମାସିକରେ ବୃଦ୍ଧି ପାଇଛି । ଚଳିତ ତ୍ରୟମାସିକ ସମୟରେ ତିନୋଟି ନୂତନ ପ୍ଲାଣ୍ଟର ସାମିଲ ହେବା ପରେ ଭାରତରେ ଏସିସିର ପରିଚାଳନାଗତ ରେଡି ମିକ୍ସ ପ୍ଲାଣ୍ଟକୁ ୮୩ ସଂଖ୍ୟାରେ ପହଞ୍ଚାଇଛି । ଏସିସି ଏଭଳିକିଛି ପ୍ରକଳ୍ପ ପରିଚାଳନା କରୁଛି ଯାହାକି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମ ବଙ୍ଗ ବଜାରରେ ନୂତନ କ୍ଷମତା ସାମିଲ କରିଛି ।

ଏହି ପରିପ୍ରେକ୍ଷୀରେ ଏସିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ନିରଜ ଅଖୌରି କହିଛନ୍ତି ଯେ, "ଦୃଢ଼ ଇବିଆଇଡିଟିଏ ଏବଂ ବାର୍ଷିକ ଲାଭରେ ବିକାଶ ସହ ଏସିସି ଏହାର ଅଭିବୃଦ୍ଧି ପ୍ରକ୍ରିୟା ବଜାୟ ରଖିଛି । ଆମର ନୂତନ ଉତ୍ପାଦ ଗୁଡ଼ିକ ବିଶେଷକରି ଉନ୍ନତମାନର ଉତ୍ପାଦ ଏବଂ ରେଡ଼ି ମିକ୍ସ ଉତ୍ପାଦରେ ଅଧିକ ବିକ୍ରୟ ହୋଇପାରିଛି । ଆଗାମୀ ମାସ ଗୁଡ଼ିକରେ ସିମେଣ୍ଟ ଚାହିଦାରେ ଆହୁରି ବୃଦ୍ଧି ପାଇବାକୁ ନେଇ ଆମ୍ଭେମାନେ ଆଶାବାଦୀ ।'




# ଆମେ ଓ ଆମ ପରିବେଶର ପଶୁପକ୍ଷୀ



ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ । ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ । ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି । ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହି ଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ଜଟଣୀ**

# ବୟସ୍କଙ୍କ ପାଇଁ ଆଇନ୍‌ର ସାହାରା



ରାଜ୍ୟର ବିଭିନ୍ନ ଓଲ୍‌ଡ଼ ଏଜ୍ ହୋମ୍‌ରୁ ମିଳିଥିବା ଅଭିଯୋଗ ପତ୍ରକୁ ଆଧାରକୁ ନେଇ ରାଜ୍ୟ ସରକାର ଏହି ଆଇନ ଲାଗୁ କରିଛନ୍ତି । ବିଭିନ୍ନ ଓଲ୍‌ଡ଼ ଏଜ୍ ହୋମ୍‌ରେ ଜୀବନ କାଟୁଥିବା ବୟସ୍କ ଲୋକମାନଙ୍କ ଠାରୁ ଜଣାପଡ଼ିଥିଲା ଯେ ପିଲାମାନେ ମୋଟା ଅଙ୍କର ରୋଜଗାର କରୁଥିଲେ ମଧ୍ୟ ବାପା-ମାଆଙ୍କ ଯତ୍ନ ନନେଇ ସେମାନଙ୍କୁ ଓଲ୍‌ଡ଼ ଏଜ୍ ହୋମ୍‌ରେ ଛାଡ଼ି ଦେଇ ଆସୁଛନ୍ତି । ଆସାମ ସରକାରଙ୍କ ଏହି ନିଷ୍ପତ୍ତି ସାରାଦେଶରେ ଏକ ନୂତନ ବିତର୍କକୁ ଜନ୍ମ ଦେଇଛି । ତେବେ ଅଧିକାଂଶ ଜନତା ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛନ୍ତି ।

ଦେଶରେ ବୟସ୍କମାନଙ୍କ ଅବସ୍ଥା ଖୁବ୍ ଚିନ୍ତାଜନକ । ନିଜ ପିଲାମାନଙ୍କ ପାଇଁ ଜୀବନର ସୁଖ ତ୍ୟାଗ କରିବା ପରେ ଯେତେବେଳେ ସେମାନଙ୍କୁ ଯତ୍ନର ଆବଶ୍ୟକତା ହୁଏ ସେତେବେଳେ ତାଙ୍କ ପାଖରେ କେହି ନଥା'ନ୍ତି । ଗତବର୍ଷ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଦେଶରେ ୧୦ଜଣରୁ ୬ଜଣ ଅଲଗା ରହିବାକୁ ବାଧ୍ୟ ହୁଅନ୍ତି । ୩୭ ପ୍ରତିଶତ ବୟସ୍କଙ୍କ ମତ ଆମ ପିଲାମାନେ ଆମ ସହ ଖରାପ ବ୍ୟବହାର କରୁଛନ୍ତି । ୨୦ ପ୍ରତିଶତଙ୍କ ମତ ପିଲାମାନେ ଆମକୁ କାହା ସହ ମିଳାମିଶା କରିବାକୁ ଦିଅନ୍ତି ନାହିଁ । ୧୩ ପ୍ରତିଶତ ବୟସ୍କଙ୍କୁ ସେମାନଙ୍କ ପିଲାମାନେ ଜରୁରୀ ସାମଗ୍ରୀ ମଧ୍ୟ ଉପଲବ୍ଧ କରାନ୍ତି ନାହିଁ । ସମାନ ସଂଖ୍ୟକ ବୟସ୍କ ନିଜ ସନ୍ତାନଙ୍କଠାରୁ ଗାଳି ଶୁଣିବା ସହ ଶାରୀରିକ ଦୁର୍ବ୍ୟବହାରର ଶିକାର ହୁଅନ୍ତି । ଦୁଃଖର ବିଷୟ ହେଉଛି ବୟସ୍କଙ୍କ ସହ ଦୁର୍ବ୍ୟବହାରର ସୀମା ସାମାଜିକ କିମ୍ବା ଆର୍ଥିକ ପ୍ରସଙ୍ଗ ମଧ୍ୟରେ ସୀମିତ ନୁହେଁ । ଏମିତି ନୁହେଁ ଯେ କେବଳ ଦରିଦ୍ର ବର୍ଗର ବୟସ୍କ ଲୋକଙ୍କ ସହ ଏମିତି ହେଉଛି, ଧନୀବର୍ଗର ବୟସ୍କ ଲୋକମାନେ ଅଭିଯୋଗ କରୁଛନ୍ତି ଆମ ପୁଅ, ନାତି ଆମ ସହ ଭଲ ବ୍ୟବହାର କରୁନାହାନ୍ତି । ଏଥିରୁ ଜଣାପଡୁଛି ବୟସ୍କମାନଙ୍କ ସମସ୍ୟା କେବଳ ଆର୍ଥିକ ନୁହେଁ, ଯଦି ସରକାର ପୁଅମାନଙ୍କ ଦରମାରୁ କାଟି ବାପା-ମା'ଙ୍କୁ ଦିଅନ୍ତି, ତା'ହେଲେ ମଧ୍ୟ ସମସ୍ୟା ଅଧିକ ସୁଧୁରିଯିବ ନାହିଁ । ସରକାର ସେମାନଙ୍କ ଭରଣପୋଷଣର ସିନା ବ୍ୟବସ୍ଥା କରିଦେବେ, କିନ୍ତୁ ଏହା ସମସ୍ୟାର ଗୋଟିଏ ଦିଗ ମାତ୍ର । ଏହାର ଆହୁରି ଅନ୍ୟ ବଡ଼ ଦିଗ ରହିଛି ।

ବୟସ୍କମାନଙ୍କ ସମସ୍ୟା ମୁଖ୍ୟତଃ ଚାରି ପ୍ରଚାରର । ବୟସ୍କମାନଙ୍କ ମଧ୍ୟରୁ ଅଧିକାଂଶ ଏହି କାରଣରୁ ଦୁଃଖୀ ଯେ ତାଙ୍କ ପିଲାମାନେ ତାଙ୍କୁ ତିରସ୍କାର କରନ୍ତି, ଗାଳିଗୁଲଜ କରନ୍ତି ଏବଂ ମାନସିକ ନିର୍ଯାତନା ଦିଅନ୍ତି । ସେମାନଙ୍କ ମତ ଭୋକରେ ରହିହେବ, ରୋଗର ଯନ୍ତ୍ରଣା ସହିହେବ କିନ୍ତୁ ନିଜ ପିଲାଙ୍କ ଦ୍ୱାରା ଦିଆଯାଉଥିବା ଯନ୍ତ୍ରଣା ସହିହେବ ନାହିଁ । ଅର୍ଥାଭାବ ଅନ୍ୟତମ ବଡ଼ ସମସ୍ୟା । ଯେଉଁମାନେ ଚାକିରି କରିଥା'ନ୍ତି ସେମାନଙ୍କ ଅବସ୍ଥା ଭଲ । କାରଣ ପେନ୍‌ସନ ଦ୍ୱାରା ନିଜ ଖର୍ଚ୍ଚ ଚଳାଇ ନିଅନ୍ତି । କିନ୍ତୁ ଯେଉଁମାନଙ୍କର ଆର୍ଥିକ ସ୍ଥିତି ଖରାପ, ସେମାନେ ସରକାରଠାରୁ ମିଳୁଥିବା ବୃଦ୍ଧାବସ୍ଥା ପେନ୍‌ସନକୁ ଭରସା କରନ୍ତି, ସେମାନେ ଅଧିକ କଷ୍ଟରେ ରୁହନ୍ତି । ପ୍ରଥମତଃ ପେନ୍‌ସନର ପରିମାଣ କମ୍, ଦ୍ୱିତୀୟରେ ଏହା ଅନିୟମିତ । ତେଣୁ ଅତି ଜରୁରୀ ସାମଗ୍ରୀ ମଧ୍ୟ ସେମାନଙ୍କୁ ମିଳେ ନାହିଁ । ନ୍ୟାସନାଲ କ୍ରାଇମ୍ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁଯାୟୀ ବୟସ୍କମାନଙ୍କ ପ୍ରତି ଅପରାଧର ମାମଲା ମଧ୍ୟ ଅଧିକ । ୨୦୧୫ ମସିହାରେ ବୟସ୍କମାନଙ୍କୁ ହତ୍ୟା, ଲୁଟ୍‌ପାଟ୍ ଏବଂ ମାଡ଼ଗୋଳର ୧୨୪୮ଟି ମାମଲାରେ କେସ୍ ଦାଏର ହୋଇଛି । ଏତିକି ମାମଲା ଥାନାକୁ ଯାଇଛି, କିନ୍ତୁ ଥାନାକୁ ଯାଇନଥିବା ମାମଲା ପରିମାଣ ଏହାଠାରୁ କେଇଗୁଣ ଅଧିକ ବୋଲି ଆକଳନ କରାଯାଉଛି । ନିଜ ପରିଜନଙ୍କ ପାଖରେ ସେମାନେ ମଧ୍ୟ ସୁରକ୍ଷିତ ନୁହନ୍ତି । ଅର୍ଥ ଥାଇ ନିଜର କାମ ପାଇଁ ଚାକରବାକର ମଧ୍ୟ ରଖିପାରନ୍ତି ନାହିଁ । ବୟସ୍କମାନଙ୍କର ସବୁଠାରୁ ବଡ଼ ସମସ୍ୟା ସ୍ୱାସ୍ଥ୍ୟ ଖରାପ ସ୍ୱାସ୍ଥ୍ୟାବସ୍ଥା ସେମାନଙ୍କୁ ନାଚାର କରିଦେଉଛି । କ୍ରମବର୍ଦ୍ଧିଷ୍ଣୁ ମେଡ଼ିକାଲ ବିଲ୍ ସହ ଦୂରାରୋଗ୍ୟ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେମାନେ ପିଲାମାନଙ୍କ ଦୁର୍ବ୍ୟବହାର ସହିବାକୁ ବାଧ୍ୟ ହେଉଛନ୍ତି । ସରକାରୀ ଡାକ୍ତରଖାନା ମାନଙ୍କରେ ଆବଶ୍ୟକ ସବୁପ୍ରକାର ସୁବିଧା ନଥିବାରୁ ଏବଂ ପ୍ରାଇଭେଟ ଡାକ୍ତରଖାନାମାନଙ୍କର ମହଙ୍ଗା ଖର୍ଚ୍ଚ ସେମାନଙ୍କୁ ନାନା ପ୍ରକାର ରୋଗର ଯନ୍ତ୍ରଣା ସହିବାକୁ ବାଧ୍ୟ କରୁଛି । ଅନେକ ସମୟରେ ପିତା ମାତାଙ୍କୁ ଯତ୍ନରେ ରଖୁଥିବା ପିଲାମାନେ ମଧ୍ୟ ଏତେ ମହଙ୍ଗା ଖର୍ଚ୍ଚ କରିବାକୁ ଅସମର୍ଥ ହେଉଛି । ତେବେ ପ୍ରଶ୍ନ ହେଉଛି ଯଦି ବାପାମାଙ୍କ ଯତ୍ନ ନ କଲେ ଦରମାରୁ ୧୦ ପ୍ରତିଶତ ଅଂଶ କାଟି ଦେଇଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ କି ? ଏହାକୁ ନେଇ ବିଶେଷଜ୍ଞମାନଙ୍କର ମତ ଭିନ୍ନ ଭିନ୍ନ । କିଛି ବିଶେଷଜ୍ଞଙ୍କ ମତ ଏହାଦ୍ୱାରା ପିଲାମାନଙ୍କ ଉପରେ ଚାପ ରହିବ । ପିତାମାତାଙ୍କ ଅବହେଳା କରିବାରୁ ଦରମା କାଟ ହେଲା - ଏହା ଏକ ସାମାଜିକ ଲଜ୍ଜା ସୃଷ୍ଟି କରିବ । ତେଣୁ ଇଚ୍ଛାରେ ନହେଲେ ବି ବାଧ୍ୟବଶତଃ ପିଲାମାନେ ବାପା ମା'ଙ୍କ ଯତ୍ନ ନେବେ ଓ ଥାନା କଚେରୀ ପର୍ଯ୍ୟନ୍ତ କଥା ଯିବନି ।

ସମାଜସେବା ଓ ବିଶେଷକରି ଓଲ୍‌ଡ଼ ଏଜ୍ ହୋମ୍ ଚଳାଉଥିବା ଏନ୍‌ଜିଓ କର୍ମୀମାନଙ୍କ ମତ କେବଳ ପୁଅବୋହୂଙ୍କର ଭୁଲ ବୋଲି କହିଲେ ହେବନାହିଁ, ଅଧିକାଂଶ କ୍ଷେତ୍ରରେ ଭୁଲ ବୟସ୍କ ପିତାମାତାଙ୍କର ହିଁ ଥାଏ । ତେବେ ବୟସ ଓ ସେମାନଙ୍କ ଶାରୀରିକ ଅସାମର୍ଥ୍ୟକୁ ନେଇ ପୁଅ-ବୋହୂ ସବୁ ଚଳେଇ ନିଅନ୍ତୁ ବୋଲି ଆଶା କରାଯାଏ । ଅଧିକାଂଶ କ୍ଷେତ୍ରରେ ଶାଶୁ-ଶ୍ୱଶୁର ପରପିଢ଼ିର ପରିସ୍ଥିତିକୁ ବୁଝନ୍ତି ନାହିଁ । ଏପରି ଛୋଟ ନାତିନାତୁଣୀଙ୍କ ସୁବିଧା ସହ ମଧ୍ୟ ସାଲିସ୍ କରନ୍ତି ନାହିଁ । ସେମାନେ ଭାବନ୍ତି ଆମେ ଯେହେତୁ ବାପା-ମା', ପୁଅ ପାଇଁ କରିଛୁ ତେଣୁ ପ୍ରଥମେ ଆମ ସୁବିଧା ଦେଖାଯିବ । କିନ୍ତୁ ସେମାନେ ବୁଝନ୍ତି ନାହିଁ ଯେ ତାଙ୍କ ପୁଅମାନେ ବି ବାପା ଭୂମିକାକୁ ଗଲେଣି । କିନ୍ତୁ ବାପା-ମା' ଏହାକୁ ସ୍ୱୀକାର କରିବାକୁ ରାଜି ନୁହଁନ୍ତି । ସେମାନେ ନୂତନ ପିଢ଼ି ସହ ପାଦ ମିଳାଇ ପାରୁନାହାନ୍ତି ବା ପାଦ ମିଳାଇବାକୁ ରାଜି ନୁହନ୍ତି । ଯଦି ଯେତେ ଯତ୍ନଝରେ ସେବା କଲେ ବି ବହୁ ବୟସ୍କ ଲୋକ ଏଥିରେ ଦୋଷ ଖୋଜୁଥାନ୍ତି । ଏହାକୁ ସେମାନଙ୍କ ମାନସିକ ସମସ୍ୟା ବୋଲି ଚିନ୍ତା କରି ଅଣଦେଖା କରାଯିବା ଅନେକ ଅଶାନ୍ତିରୁ ମୁକ୍ତି ଦେଇଥାଏ । ସବୁଠାରୁ ବଡ଼ କଥା ହେଉଛି ପିତା-ମାତାଙ୍କ ସହ ସମ୍ପର୍କ ଭାବପ୍ରବଣତାର ସମ୍ପର୍କ । ଆଇନ ଏଥିରେ କିଛି କରିପାରିବ ନାହିଁ । ଆଇନ ସେମାନଙ୍କୁ ଗଣ୍ଡେ ଖାଇବା ପିନ୍ଧିବାରେ ବ୍ୟବସ୍ଥା କରାଇ ଦେଇପାରିବ କିନ୍ତୁ ପରିବାରର ପ୍ରେମ ଦେଇପାରିବ ନାହିଁ । ତେବେ କେତେକ ସମାଜଶାସ୍ତ୍ରୀଙ୍କ ମତ ଆଇନର ଏ ରାସ୍ତା ପିତା-ପୁତ୍ର ସମ୍ପର୍କରେ ତିକ୍ତତା ଭରିଦେବ ଏଇଟା ଠିକ୍ । କିନ୍ତୁ ଯେଉଁ ପୁଅ ବାପାଙ୍କ ଦାୟିତ୍ୱ ନେଇନି ତା ସହ ସମ୍ପର୍କ ତୁଟିଗଲେ ବି କ୍ଷତି କ'ଣ ? ଅତିକମ୍‌ରେ ଖାଇବା ପିଇବା ତ ଅସୁବିଧା ରହିବନି । ଏହି ଆଇନର ସମର୍ଥନ କରୁଥିବା ଲୋକମାନଙ୍କ ମତ ସାମାଜିକ ସୁରକ୍ଷାର ଘୋର ଅଭାବ ଥିବା ଏହି ଦେଶରେ ଏ ଆଇନ ବୟସ୍କମାନଙ୍କ ପାଇଁ ଏକ ଆଶ୍ରା ସଦୃଶ ହେବ । ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କ ମତ କେବଳ ଅର୍ଥ ମିଳିଗଲେ ବୟସ୍କମାନଙ୍କର ଅବସ୍ଥା ସୁଧୁରିଯିବ ନାହିଁ । ବୟସ୍କମାନଙ୍କୁ ଅର୍ଥ ଅପେକ୍ଷା ନିଜ ଲୋକଙ୍କ ଭଲପାଇବା ଅଧିକ ଦରକାର ଯାହା ଆଇନ ଦେଇପାରିବ ନାହିଁ ।

**ଯୁଧିଷ୍ଠିର ମହାରଣା, ଆଡ଼୍‌ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮**

# ଲାଇଫ୍ ଷ୍ଟାଇଲ୍ ଡିଜିଜ୍ ଉପରେ ସଚେତନ ହେଉଛନ୍ତି ଲୋକେ



ଭୁବନେଶ୍ୱର (ପିଏନ୍): ଅବ୍ୟବସ୍ଥିତ ଜୀବନାଶୈଳୀ, ବେପରୁଆ ଜୀବନ, କର୍ମବ୍ୟସ୍ତର ଚାପ, ଯାବତୀୟ ଶାରୀରିକ ଓ ମାନସିକ ଷ୍ଟ୍ରେସ୍ ଭିତରେ ବି ଭାରତୀୟଙ୍କ ଆୟୁଷ ବଢୁଛି । ଗତ ଦୁଇ ବର୍ଷ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁ ଅତିକମ୍‌ରେ ୬୭ ବର୍ଷରୁ ଉର୍ଦ୍ଧ୍ୱ ବଞ୍ଚିବେ । ଜନ୍ମ, ମୃତ୍ୟୁ ଓ ରୋଗକୁ ନେଇ ହୋଇଥିବା ଗବେଷଣାର ରିପୋର୍ଟକୁ ଆଧାର କରି ଏହି ତଥ୍ୟରେ ଉଲ୍ଲେଖ ରହିଛି । ପୁରୁଷଙ୍କ ତୁଳନାରେ ମହିଳାମାନେ ୬୮ରୁ ୬୯ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାକୁ ସକ୍ଷମ ହେଉଛନ୍ତି । କିନ୍ତୁ ଭାରତ ତୁଳନାରେ ଅନ୍ୟ ଉନ୍ନତ ଦେଶମାନେ ଯଥେଷ୍ଟ ଆଗରେ ରହିଛନ୍ତି । ଉଦାହରଣ ଭାବେ ଏକ୍ଷେତ୍ରରେ ଜାପାନ ବିଶ୍ୱରେ ସବୁଠୁ ଆଗରେ ରହିଥିବା ଦେଖାଯାଇଛି । କାରଣ ଏହି ରାଷ୍ଟ୍ରର ଲୋକଙ୍କ ହାରାହାରି ଆୟୁଷ ପ୍ରାୟ ୮୪ ବର୍ଷ ଥିବାବେଳେ ଅନ୍ୟ ବିକଶିତ ରାଷ୍ଟ୍ର ଯଥା ଅଷ୍ଟ୍ରେଲିଆ, ଆମେରିକା, ସୁଇଜରଲ୍ୟାଣ୍ଡ, ଇଟାଲୀ ଓ ସ୍ପେନ ଭଳି ରାଷ୍ଟ୍ରମାନଙ୍କରେ ଲୋକଙ୍କ ହାରାହାରି ଆୟୁଷ ୮୦ ବର୍ଷ ରହିଛି । କିନ୍ତୁ ଏହି ତୁଳନାରେ ଆଫ୍ରିକୀୟ ରାଷ୍ଟ୍ର ଯଥା ନାଇଜେରିଆ, ସୋମାଲିଆ, ଆଙ୍ଗୋଲା ଓ ମୋଜାମ୍ବିକ ଭଳି ଦେଶଗୁଡ଼ିକରେ ବିଭିନ୍ନ ରୋଗଜନିତ ମୃତ୍ୟୁ ଅଧିକ ହେଉଥିବାରୁ ଏଠାକାର ଲୋକଙ୍କ ହାରାହାରି ଆୟୁଷ ୫୦ବର୍ଷ ମଧ୍ୟରେ ସୀମିତ ରହିଛି । ଏହି କ୍ରମରେ ଦେଖିଲେ ଭାରତରେ କେରଳ ରାଜ୍ୟରେ ଲୋକଙ୍କ ଆୟୁଷ ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ଅଧିକ ରହିଛି । ଏହି ରାଜ୍ୟରେ ଲୋକଙ୍କ ହାରାହାରି ଆୟୁଷ ୭୪ରେ ଥିବାବେଳେ ଓଡ଼ିଶାରେ ଏହି ହାର ୫୯.୬ ରହିଥିବା ୟୁଏନ୍‌ଓପି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହ୍ୟୁମାନ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସରେ ଦର୍ଶାଯାଇଛି । ତଥାପି ଭାରତ ଖାସ୍ କରି ଓଡ଼ିଶାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଏହି ରିପୋର୍ଟର ମତ । ଆଗପରି ଅବସ୍ଥା ଆଉ ନାହିଁ । ଏବେ ରୋଗ ନିରୂପଣ ସହଜ ହୋଇଯାଇଛି । ଲୋକେ ସ୍ୱାସ୍ଥ୍ୟ ପ୍ରତି ଅନେକ ମାତ୍ରାରେ ସଚେତନ ହୋଇପଡ଼ିଛନ୍ତି । ଏପରିକି ଘରେ ବସି ମଧ୍ୟ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା ମାତ୍ରେ ଲୋକେ ବିଭିନ୍ନ ରୋଗର ଆଶଙ୍କା କରିପାରୁଛନ୍ତି ଯାହା ୫୦ବର୍ଷ ତଳେ ଲୋକେ ଜାଣିପାରୁ ନଥିଲେ । ଏବେ ସ୍ୱାସ୍ଥ୍ୟରେ ସାମାନ୍ୟ ଅସୁବିଧା ହେଲେ ଲୋକେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । ମୁଖ୍ୟତଃ ଲାଇଫ ଷ୍ଟାଇଲ ଡିଜିଜ ଯଥା ମଧୁମେହ, ରକ୍ତଚାପ, ବିଷାଦ, ମୋଟାପଣ, ଲିଭରଜନିତ ଲିଭରସିରୋସିସ୍, ପେଟଜନିତ ଗ୍ୟାସ ସମସ୍ୟା ଭଳି ରୋଗ ବାବଦରେ ଲୋକେ ବେଶ୍ ସଚେତନ ହେଉଛନ୍ତି । ସଂପ୍ରତି ମଦ୍ୟପାନ ଜନିତ ଜଟିଳ ରୋଗର ସମସ୍ୟା ସମାଜକୁ ଭାରାକ୍ରାନ୍ତ କରୁଥିବାବେଳେ ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍, ପେଟରେ ପାଣି ଜମିବା, ଲିଭର କ୍ୟାନସର ଦେଖାଯାଉଛି । ସେହିପରି ଭାବରେ ହେପାଟାଇଟିସ୍ ବି ଓ ସି ଭୂତାଣୁ ଦ୍ୱାରା ଯକୃତ ସଂକ୍ରମଣ ହେଲେ ୧୫ରୁ ୨୦ ବର୍ଷ ଭିତରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ରୋଗ ହୁଏ । ତେଣୁ ଏହି ଦୁଇଟି ଭୂତାଣୁର ନିରାକରଣ କରିବା ଅତ୍ୟନ୍ତ ଜରୁରୀ । ହେପାଟାଇଟିସ୍ ବି ସଂକ୍ରମକଣକୁ ପ୍ରତିହିତ କରିବା ପାଇଁ ହେପାଟାଇଟିସ୍‌ବିର ଟୀକା ନେବା ବାଞ୍ଛନୀୟ । କିନ୍ତୁ ଯୁବାବସ୍ଥାରେ କେତେକ କ୍ଷେତ୍ରରେ ସଚେତନତା ବଢୁଥିବାରୁ ବା ପରୀକ୍ଷା ନିରୀକ୍ଷା କରିବା ସହ ପାର୍ଶ୍ୱପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି କେତେକ ରୋଗୀ ନିୟମିତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଉଥିବାରୁ ଏହା ଜଟିଳ ସମସ୍ୟା ଭାବେ ଆଉ ଦେଖାଦେଉନି । ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ଲୋକେ ବଡ଼ି ମାସ୍ ଇଣ୍ଡେକ୍ସ ବା ନିୟମିତ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଉଛନ୍ତି । ୬୦ବର୍ଷ ଅତିକ୍ରମ କରିବା ପରେ ଏବେ ହୃଦ୍‌ଘାତଜନିତ ମୃତ୍ୟୁର ଆଶଙ୍କା ଅଧିକ ରହୁଛି । ମାତ୍ର ଏଥିରୁ କିପରି ରକ୍ଷା ମିଳିବ ସେ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି । ଭାରତ ହେଉଛି ବିଶ୍ୱରେ ମଧୁମେହ ରୋଗର ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ । ଅନେକ ସଂକ୍ରାମକ ରୋଗର ନିରାକରଣ, ଏବେ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ସହଜ ଉପଲବ୍ଧ ଲୋକଙ୍କ ଆୟୁଷ ବୃଦ୍ଧିରେ ସହାୟକ ହୋଇଛି । ସମଗ୍ର ବିଶ୍ୱରେ ଭାରତ ଆୟୁ ବୃଦ୍ଧି ରାଷ୍ଟ୍ରେ ତାଲିକାରେ ୧୩୯ରେ ରହିଛି । ଅନ୍ୟ ଉନ୍ନତ ରାଷ୍ଟ୍ରମାନେ ଆମଠାରୁ ଢ଼େର ଆଗରେ ରହିଛନ୍ତି । ସେମାନଙ୍କ ସମକକ୍ଷ ହେବା ପାଇଁ ୬୦ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଯତ୍ନବାନ ହେବାକୁ ପଡ଼ିବ । ତେଣୁ ଆମକୁ ଆମ ଜୀବନ ଶୈଳୀରେ ଆହୁରି ପରିବର୍ତ୍ତନ ଆଣିବାକୁ ପଡ଼ିବ । ସାଧାରଣତଃ ୬୫ ବର୍ଷ ପରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷର ଅବକ୍ଷୟ ଆରମ୍ଭ ହୋଇଥାଏ । ଫଳରେ ଏମାନଙ୍କ କ୍ଷେତ୍ରରେ ସ୍ମରଣଶକ୍ତି ହ୍ରାସ ପାଇବା ସହିତ ସେ ନିତିଦିନିଆ କାର୍ଯ୍ୟ କରିବାରେ ଭୁଲ ଭଟକା କରିଥାନ୍ତି । ତେଣୁ ଏହାକୁ ଡିମେନସିଆ ବା ବୁଦ୍ଧିହ୍ରାସ କୁହାଯାଏ । ଏବେ ଏହି ରୋଗର ଗୁଣସୂତ୍ର ବା ଜିନ୍ ଚିହ୍ନଟ ହୋଇସାରିଛି । ଏଣିକି ଏହାର ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି ରହିଛି । ବାଇଓ ଷ୍ଟାଟିଷ୍ଟିକ୍ସ ବା ଜୀବ ପରିସଂଖ୍ୟାନ ଆୟୁବୃଦ୍ଧି ଘଟିଥିବା ଜଣାପଡ଼ିଛି । ତାହାର ମୁଖ୍ୟ କାରଣ ହେଉଛି ଚିକିତ୍ସା ବିଜ୍ଞାନର ବହୁଳ ପ୍ରସାର ଓ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଉଛି । ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ ଅନେକମାତ୍ରାରେ ପ୍ରଶମିତ ହୋଇଛି । ପ୍ରତ୍ୟେକଦିନ ଖାଲିପେଟରେ ସକାଳେ କିମ୍ବା ସନ୍ଧ୍ୟାରେ ୨ କିଲୋମିଟର ଚାଲିବା ଦ୍ୱାରା ଲାଇଫ ଷ୍ଟାଇଲ ଡିଜିଜ୍‌କୁ ୬୦ ପ୍ରତିଶତ ପ୍ରତିରୋଧ କରିପାରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରାଚୀନ ଭାରତର ଯୋଗାସନ ବ୍ୟବସ୍ଥାକୁ ଆଜି ସମଗ୍ର ବିଶ୍ୱ ଆପଣାଇ ନେବା ସହ ମିଳିତ ଜାତିସଂଘ ଏକ ନିର୍ଦ୍ଦିଷ୍ଟ ଦିବସକୁ ବିଶ୍ୱଯୋଗ ଦିବସ ଭାବେ ଗ୍ରହଣ କରିଛି । ସରକାରୀ ବ୍ୟବସ୍ଥାରେ ବ୍ୟାପକ ମାତ୍ରାରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇ ଉନ୍ନତ ଚିକିତ୍ସା ସୂଚନା ପ୍ରଯୁକ୍ତି ସହାୟତା ନିଆଯାଇ ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ପ୍ରସାରଭିମୁଖୀ କରାଯାଉଛି । କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେଲେଣି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦିନକୁ ଦିନ ଅଧିକ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବା ସହ ଭ୍ରାମ୍ୟମାଣ ଚିକିତ୍ସା ଦଳ ଘର ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦ୍ୱାରା ପରିଣତ ବୟସର ରୋଗୀମାନେ ଅନେକ ସୁବିଧା ପାଇ ପାରୁଛନ୍ତି । ଲୋକମାନଙ୍କ ଜୀବନଶୈଳୀ ପରିବର୍ତ୍ତିତ ହେବା ସହ ସ୍ୱାସ୍ଥ୍ୟ ଜୀବନକୁ ଗୁରୁତ୍ୱ ଦେଉଥିବାରୁ ମୁମୂର୍ଷୁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି ଯାହାକି ଅତ୍ୟନ୍ତ ଖୁସିର କଥା ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)**


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phaggun Communication

